ଦ୍ୱିତୀୟ ବର୍ଷ ● ପଞ୍ଚମ ସଂଖ୍ୟା
ଜୁଲାଇ-ଅଗଷ୍ଟ, ୨୦୧୭



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)










ଓଡ଼ିଶା ସରକାରଙ୍କ ପକ୍ଷରୁ ବାରଙ୍ଗର ବେଲଗଛିଆଠାରେ ଏକ ଦିବସୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ୫୦୦୦ ବୃକ୍ଷରୋପଣ ଅବସରରେ ସ୍ଥାନୀୟ ମୁରବୀବୃନ୍ଦ, ସ୍ୱେଚ୍ଛାସେବୀ ସଂଗଠନ, ବିଦ୍ୟାଳୟ ଛାତ୍ର-ଛାତ୍ରୀଙ୍କ ଗହଣରେ ସ୍ୱାମୀଜୀ




ଶ୍ରୁତିନ୍ୟାସ ପକ୍ଷରୁ ଭାରତୀୟ ନବବର୍ଷ ପାଳନ ଅବସରରେ **'VEDIC CULTURE'** ଓ ଏକ କବିତା ପୁସ୍ତକର ଉନ୍ମୋଚନ




ଭାରତୀୟ ନବବର୍ଷ ଅବସରରେ ଭଜନ ଓ ସତ୍‌ସଙ୍ଗ




କେଶବଧାମ, ଗଡିରାଉତପାଟଣାରେ ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ବର୍ଗରେ ସ୍ୱାମୀଜୀଙ୍କ ମାର୍ଗଦର୍ଶନ




କଟକରେ ଚାର୍ଟାଡ୍ ଆକାଉଣ୍ଟାଣ୍ଟ ନ୍ୟାସ୍‌ନାଲ୍ କନଫରେନ୍‌ସରେ କାର୍ଯ୍ୟକର୍ତ୍ତାଙ୍କ ସହ ସ୍ୱାମୀଜୀ




କଟକରେ ଚାର୍ଟାଡ୍ ଆକାଉଣ୍ଟାଣ୍ଟ ନ୍ୟାସ୍‌ନାଲ୍ କନଫରେନ୍‌ସରେ ସ୍ୱାମୀଜୀଙ୍କ ମାର୍ଗଦର୍ଶନ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)



ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ସାହୁ**



କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଦୂଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org



**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**
Spiritual Social Vedic Magazine
Bimonthly
Vol-2, Issue-5, July-Aug 2017


## ସୂଚୀପତ୍ର


| | | |
|---|---|---|
| ୦୧. | ପରମେଶ୍ୱର କିଏ ? | ୦୨ |
| ୦୨. | ବୈଦିକ ତ୍ରୈତବାଦ | ୧୩ |
| ୦୪. | ସତ୍ୟାର୍ଥ ପ୍ରକାଶ | ୨୦ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓ୩ମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

ସର୍ବେ ଭବନ୍ତୁ ସୁଖିନଃ :

# ପରମେଶ୍ୱର କିଏ ?

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ପ୍ର.କ.—** ପରମେଶ୍ୱର କିଏ ?

**ସ୍ୱାମୀଜୀ —** ଆମେ ଆମ ଆଖି ଆଗରେ ଏ ବିଶାଳ ସଂସାରକୁ ଦେଖୁଛେ । ତା' ଭିତରେ କିଛି ଜଡ଼ ପଦାର୍ଥକୁ ଦେଖୁଛେ; ଯଥା- ପାହାଡ଼, ପର୍ବତ, ନଦୀ, ନାଳ, ସୂର୍ଯ୍ୟ, ଚନ୍ଦ୍ର ଆଦି । ଆଉ କିଛି ଚେତନ ସତ୍ତା ଦେଖୁଛେ, ଯେମିତିକି ପଶୁ-ପକ୍ଷୀ, କୀଟ-ପତଙ୍ଗ ଇତ୍ୟାଦି । ଅତଃ ମୌଳିକ ଭାବରେ ସଂସାରରେ ଦୁଇ ପ୍ରକାର ସତ୍ତା ଥିବା ଆମେ ଅନୁଭବ କରୁଛେ । ଗୋଟିଏ ଜଡ଼ ଓ ଅନ୍ୟଟି ଚେତନ । ଜଡ଼ ପଦାର୍ଥଗୁଡ଼ିକର ମୂଳ ତତ୍ତ୍ୱକୁ ଦାର୍ଶନିକ ପରିଭାଷାରେ 'ପ୍ରକୃତି' ବୋଲି କୁହାଯାଏ । 'ପ୍ରକୃତି'କୁ ଆମେ ସରଳ ରୂପେ ଏମିତି ବୁଝିପାରିବା ଯେ — ଅନେକ କୃତିରେ ପରିଣତ ହେବା ପାଇଁ ଯାହା ଭିତରେ ପ୍ରକୃଷ୍ଟ କ୍ଷମତା ଅଛି, ଯିଏ ଅନେକ କୃତିରେ ପରିବର୍ତ୍ତିତ ହୁଏ, ସିଏ ହେଲା 'ପ୍ରକୃତି' । ସଂସାରରେ ଯେଉଁ ଚେତନ ତତ୍ତ୍ୱ ବିଦ୍ୟମାନ ସେ ଚେତନ ତତ୍ତ୍ୱ ପୁଣି ୨ ପ୍ରକାରର । ଗୋଟିଏ ହେଲା ଅଳ୍ପଜ୍ଞ ଚେତନ ଅର୍ଥାତ୍ ଯାହା ପାଖରେ ଅଳ୍ପ ଜ୍ଞାନ ଅଛି । ତାକୁ ଜୀବାତ୍ମା କୁହାଯାଏ । ଅନ୍ୟଟି ହେଲା ସର୍ବଜ୍ଞ ଚେତନ, ଯିଏ କି ସବୁ ଜାଣନ୍ତି । ତାଙ୍କୁ ପରମାତ୍ମା ବୋଲି କୁହାଯାଏ । ସେହି ପରମାତ୍ମାଙ୍କୁ ଅନେକ ନାମରେ କୁହାଯାଇଥାଏ । ତାଙ୍କୁ 'ପରମେଶ୍ୱର' ବୋଲି ବି କୁହାଯାଏ, ତାଙ୍କୁ 'ବ୍ରହ୍ମ' ବି କୁହାଯାଏ, ତାଙ୍କୁ 'ଭଗବାନ' ମଧ୍ୟ କୁହାଯାଏ । ଆପଣଙ୍କର ପ୍ରଶ୍ନ ଥିଲା ଯେ- 'ପରମେଶ୍ୱର କିଏ ?' 'ପରମ' ମାନେ ଶ୍ରେଷ୍ଠ । 'ଈଶ୍ୱର' ଶବ୍ଦର ଅର୍ଥ ହେଉଛି ମାଲିକ, ସ୍ୱାମୀ । ଆମେ ସଂସାରରେ ବ୍ୟବହାରରେ ଦେଖୁ ଯେ ଧନ-ସମ୍ପତ୍ତି, ଜମି-ବାଡ଼ିର ମାଲିକମାନେ ଥାଆନ୍ତି । କିଏ ଗୋଟିଏ ଏକର ଜମିର ମାଲିକ, କିଏ ୨ ଏକର ଜମିର, କିଏ ୪ ଏକରର, କିଏ ଗୋଟିଏ ବଡ଼ କାରଖାନାର, କିଏ ଏକ ବଡ଼ କମ୍ପାନୀର, କିଏ ଏକ ରାଜ୍ୟର ସ୍ୱାମୀ ଇତ୍ୟାଦି । ରାଜାଙ୍କୁ ବି ନରେଶ, ନରେଶ୍ୱର, ନରପତି ଆଦି କୁହାଯାଏ । ଈଶ୍ୱର ଶବ୍ଦର ଅର୍ଥ ବି ନିୟନ୍ତ୍ରଣକର୍ତ୍ତା । ଈଶନ ମାନେ ଶାସନ କରିବାର କ୍ଷମତା । ଯିଏ ଯେତିକି ପଦାର୍ଥର ସ୍ୱାମୀ, ନିୟନ୍ତକ, ଶାସକ ତାକୁ ତା'ର ଈଶ, ଈଶ୍ୱର କୁହାଯାଏ । ସେମିତି ଯିଏ ପରମ-ଈଶ୍ୱର ଅର୍ଥାତ୍ ଶ୍ରେଷ୍ଠ ମାଲିକ, ଯିଏ ସାରା ସଂସାରର ସ୍ୱାମୀ, ସମଗ୍ର ସଂସାରର ଶାସକ, ପ୍ରଭୁ, ନିୟନ୍ତକ, ଯାହା ଉପରେ ଆଉ କେହି ନାହାନ୍ତି, ସେହି ପରମାତ୍ମାଙ୍କୁ 'ପରମେଶ୍ୱର' ବୋଲି କୁହାଯାଏ ।

**ପ୍ର.କ.—** ଆପଣ କହିଲେ ଯେ, ଯିଏ ସାରା ସଂସାରର ସ୍ୱାମୀ ତାଙ୍କୁ ପରମେଶ୍ୱର କୁହାଯାଏ । ଆମ ହିନ୍ଦୁ ମତରେ ଏତେଗୁଡ଼ିଏ ଠାକୁର ଯେଉଁ ରଖିଛୁ, ତାଙ୍କୁ ତେବେ କ'ଣ କହିବା ?

**ସ୍ୱାମୀଜୀ —** ଧ୍ୟାନ ଦିଅନ୍ତୁ, ଏ ଯେଉଁ ଅନେକ ଠାକୁର, ଅନେକ ଭଗବାନଙ୍କ ବିଚାର ହିନ୍ଦୁମାନଙ୍କ ଭିତରେ ଦେଖାଯାଏ, ତା' ପଛରେ ଦୁଇଟି କାରଣ ଅଛି । ଗୋଟିଏ କାରଣ ହେଲା ବେଦକୁ ନ ଜାଣିବା, ବେଦ ନ ପଢ଼ିବା । ଋଗ୍‌ବେଦରେ ଗୋଟିଏ ମନ୍ତ୍ର ଅଛି —

**ଇନ୍ଦ୍ରଂ ମିତ୍ରଂ ବରୁଣମଗ୍ନିମାହୁରଥୋ ଦିବ୍ୟଃ ସ ସୁପର୍ଣ୍ଣଃ ଗରୁତ୍ମାନ୍ । ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତ୍ୟଗ୍ନିଂ ଯମଂ ମାତରିଶ୍ୱାନମାହୁଃ ॥**

(ଋକ୍. ୧:୧୬୪:୪୬)

ବିଦ୍ୱାନ୍‌ଗଣ ଏକ ସଦ୍‌ରୂପ, ସଦା ବିଦ୍ୟମାନ ପରମାତ୍ମାଙ୍କୁ ବହୁ ପ୍ରକାର ନାମରେ କହନ୍ତି । ତାହାଙ୍କୁ ଇନ୍ଦ୍ର, ମିତ୍ର, ବରୁଣ, ଅଗ୍ନି ନାମରେ କହନ୍ତି । ସେ ଦିବ୍ୟ, ସୁପର୍ଣ୍ଣ ଓ ଗରୁତ୍ମାନ୍ ଅଟନ୍ତି । ତାହାଙ୍କୁ ଅଗ୍ନି, ଯମ, ମାତରିଶ୍ୱା ଆଦି ବୋଲି କହନ୍ତି ।

ପରମପିତା ପରମାତ୍ମାଙ୍କର ଗୁଣ, କର୍ମ, ସ୍ୱଭାବ ଅସଂଖ୍ୟ ହୋଇଥିବା କାରଣରୁ ଗୁଣ-କର୍ମ-ସ୍ୱଭାବ ଆଧାରରେ ଭଗବାନଙ୍କର ଅସଂଖ୍ୟ ନାମ ଅଛି । ଯେମିତିକି ଯଜୁର୍ବେଦର ଗୋଟିଏ ମନ୍ତ୍ରରେ କୁହାଯାଇଛି —

**ଗଣାଂନାଂ ତ୍ୱା ଗଣପତିଂ ହବାମହେ ପ୍ରିୟାଣାଂ ତ୍ୱା ପ୍ରିୟପତିଂ ହବାମହେ ନିଧୀନାଂ ତ୍ୱା ନିଧିପତିଂ ହବାମହେ ବସୋ ମମ । ଆହମଜାନି ଗର୍ଭଧମା ତ୍ୱମଜାସି ଗର୍ଭଧମ୍ ॥** (ଯଜୁଃ. ୨୩:୧୯)

ସଂସ୍କୃତରେ ଗୋଟିଏ ଧାତୁ ଅଛି — **'ଗଣ ସଂଖ୍ୟାନେ'** । ଗଣର ଅର୍ଥ ସମୂହ । ଅନେକ ଥିଲେ ତାକୁ ଗଣ ବୋଲି କୁହାଯାଏ । ଯଥା- ପଶୁଗଣ, ପକ୍ଷୀଗଣ, ନରଗଣ, ନାରୀଗଣ ଇତ୍ୟାଦି । ସମସ୍ତ ଜୀବଗଣଙ୍କର ସ୍ୱାମୀ ହୋଇଥିବାରୁ ପରମାତ୍ମାଙ୍କୁ 'ଗଣେଶ' ବୋଲି କୁହାଯାଏ । ସମସ୍ତ ଜୀବଗଣଙ୍କ ପତି ଅର୍ଥାତ୍ ସ୍ୱାମୀ, ପାଳନକର୍ତ୍ତା ହୋଇଥିବା ହେତୁ ତାଙ୍କ ନାମ 'ଗଣପତି' ।

ଏହି ମନ୍ତ୍ରରେ କୁହାଯାଇଛି — ହେ ପରମାତ୍ମନ୍ ! ଆପଣ ସମସ୍ତ ଜୀବଗଣଙ୍କ ପତି ଅର୍ଥାତ୍ ସ୍ୱାମୀ, ପାଳକ ହୋଇଥିବାରୁ ଆମେ ଆପଣଙ୍କୁ ଗଣପତି ବୋଲି ପ୍ରୀତିପୂର୍ବକ ସ୍ୱୀକାର, ଆହ୍ୱାନ କରୁ; ଆମର ପ୍ରିୟ ପଦାର୍ଥ ଓ ଜନଙ୍କ ପାଳକ ହୋଇଥିବା ହେତୁ ଆପଣଙ୍କୁ ପ୍ରିୟପତି ବୋଲି ସ୍ତୁତି କରୁ, ବିଦ୍ୟାଦି ସମସ୍ତ ନିଧିର ଅଧିପତି ହୋଇଥିବା ଯୋଗୁଁ ଆପଣଙ୍କୁ ନିଶ୍ଚିତ ରୂପେ ନିଧିପତି ବୋଲି ଜାଣୁ । ହେ ବସୋ ! ଆପଣଙ୍କ ଭିତରେ ସମସ୍ତ ପ୍ରାଣୀ ନିବାସ କରନ୍ତି । ଆପଣ ମୋତେ ପ୍ରାପ୍ତ ହୁଅନ୍ତୁ । ଜଗତକୁ ଗର୍ଭ ଭଳି ନିଜ ଭିତରେ ଧାରଣକର୍ତ୍ତା ଆପଣଙ୍କୁ ମୁଁ ଉତ୍ତମ ରୂପେ ଜାଣିବାକୁ ପ୍ରଯତ୍ନ କରେଁ । ପ୍ରକୃତିକୁ ଗର୍ଭ ଭଳି ଧାରଣକର୍ତ୍ତା ଆପଣ ଅଜନ୍ମା ଅଟନ୍ତି ।

ଜୀବଗଣଙ୍କ ପତି ହୋଇଥିବାରୁ ଈଶ୍ୱରଙ୍କୁ ଗଣପତି ବୋଲି ଏହି ମନ୍ତ୍ରରେ କୁହାଯାଇଛି । କିନ୍ତୁ ଏଇଠି ତ ଈଶ୍ୱରଙ୍କ କୌଣସି ଆକୃତିର କଥା କୁହାଯାଇନି । ତାଙ୍କର ଘୋଡ଼ାମୁଣ୍ଡ କି ହାତୀ ଶୁଣ୍ଢ, ଥନ୍ତଲପେଟ କି ଚାରିଟି ହାତ ବୋଲି ବର୍ଣ୍ଣନା କରାଯାଇନି । ବରଂ କୁହାଯାଇଛି — **'ତ୍ୱମଜାସି' = ତ୍ୱମ୍ + ଅଜ + ଅସି** ଅର୍ଥାତ୍ ତୁମେ ଅଜନ୍ମା ଅଟ ।

ଏଣେ ବେଦରେ କୁହାଯାଇଛି କି ଗଣପତି ପରମେଶ୍ୱର ଅଜନ୍ମା ଅଟନ୍ତି, ତେଣେ ଗୁଲି ଗପ ଶୁଣାଯାଉଛି ସଂସାରରେ ଯେ ପାର୍ବତୀଙ୍କ ଦେହ ଉକୁଟା ମଳି ବା ମଇଳାରୁ ଗଣେଶ ଜନ୍ମ ହେଲେ ବୋଲି । ଯେତେବେଳେ ଗଣପତିଙ୍କ ଜନ୍ମ ହିଁ ନାହିଁ, ସେତେବେଳେ ଏଣ୍ଡୁଅଙ୍କ ଭଳି ମୁଣ୍ଡ ଟୁଙ୍ଗାରି-ଟୁଙ୍ଗାରି 'ଜୟ ଗଣେଶ ଜୟ ଗଣେଶ ଜୟ ଗଣେଶ ଦେବା । ମାତା ଜାକି ପାର୍ବତୀ ପିତା ମହାଦେବା ॥'- ଏ ମୂର୍ଖତାପୂର୍ଣ୍ଣ ଗୀତ ବୋଲିବାର ମାନେ କ'ଣ ? ଯାହାର ଜନ୍ମ ହିଁ ନାହିଁ, ତା'ର ମାତା-ପିତା ଆସିଲେ କୁଆଡ଼ୁ ? ଧୂର୍ତ୍ତମାନେ ଏକଥା ବି ଯୋଡ଼ିଦେଲେ ଯେ ଶିବ ଓ ପାର୍ବତୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ପାର୍ବତୀ କୈଳାସ ଛାଡ଼ି ଚାଲିଗଲେ । ବହୁ ଦିନ ପରେ ଦିନେ ପାର୍ବତୀ ଦେହରେ ଲଗାଇଥିବା ହଳଦୀ ଆଦିରୁ ତିଆରି ପିତୁଳାରେ ଜୀବନ୍ୟାସ ଯୋଗୁଁ ଗଣେଶଙ୍କ ଜନ୍ମ । ଗୁମ୍ଫା ଦ୍ୱାରରେ ତାଙ୍କୁ ଜଗାଇ ପାର୍ବତୀ ଶିବଙ୍କୁ ତପସ୍ୟା କଲାବେଳେ ଶିବ ଆସି ଗୁମ୍ଫା ଭିତରକୁ ଯିବାକୁ ଚାହିଁଲେ । ଗଣେଶ ନ ଛାଡ଼ିବାରୁ ଶିବ ଓ ଗଣେଶ ବାପା-ପୁଅଙ୍କ ଲଢ଼େଇ, ଗଣେଶଙ୍କ ମୁଣ୍ଡକାଟ ଓ ପରେ ହାତୀମୁଣ୍ଡ ଯୋଡ଼ିବା ଇତ୍ୟାଦି ହେଲା । ଏସବୁ ବୁଦ୍ଧିହୀନ କଥା ବେଦରେ କେଉଁଠି ବି ନାହିଁ । ଏହି ମନ୍ତ୍ରରେ ତ କୁହାଯାଇଛି ଯେ ଗଣପତି ସମଗ୍ର ସଂସାରକୁ ଗର୍ଭ ଭଳି ନିଜ ଭିତରେ ଧାରଣ କରିଛନ୍ତି । ଯଦି ସାରା ସଂସାର ତାଙ୍କ ଗର୍ଭ ଭିତରେ, ତେବେ ସେ ଯେଉଁ ଗୁମ୍ଫା ଦ୍ୱାରରେ ଠିଆ ହୋଇଥିଲେ, ଯେଉଁଠିକି ତାଙ୍କ ବାପାଙ୍କ ସହ ତାଙ୍କର ଝଗଡ଼ା ହେଲା ଓ ସେ ମଲେ ବୋଲି କୁହାଯାଉଛି ସେ ଗୁମ୍ଫା ତାଙ୍କ ଭିତରେ ଥିବା ସାରା ସଂସାର ବାହାରେ କୋଉଠି ଥିଲା କି ? ତାଙ୍କ ବାପା ରହୁଥିବା କୈଳାସ ପର୍ବତ ଫେରେ ରହିଲା କେଉଁଠି ? ଯଦି ସମସ୍ତ ପ୍ରାଣୀ ଗଣପତିଙ୍କ ଗର୍ଭରେ, ଭିତରେ ବାସକରନ୍ତି, ତେବେ ଯେଉଁ ହାତୀର ମୁଣ୍ଡ କାଟି ୟାଙ୍କ କାନ୍ଧରେ ଯୋଡ଼ା ହେଲା ବୋଲି ଗୁଲିଗପ କୁହାଯାଉଛି, ସେ ହାତୀ କ'ଣ ସାରା ଜଗତକୁ ଗର୍ଭରେ ଧାରଣକାରୀ ଗଣପତିଙ୍କ ବାହାରେ ଥିଲା ? ଯେଉଁ ପଣ୍ଡିତ (ପୂଜକ) ବୋଲାଉଥିବା ଲୋକମାନେ ଏହି ମନ୍ତ୍ର ବଡ଼ ପାଟିରେ ପଢ଼ି ଗଣେଶ ମୂର୍ତ୍ତିର ପୂଜା-ଅର୍ଚ୍ଚନା କରୁଛନ୍ତି

ସେମାନେ ଏ ମନ୍ତ୍ରର ଅର୍ଥ କ'ଣ ଜାଣିଛନ୍ତି କି ? ସାରା ସଂସାର ଯାହାର ଗର୍ଭରେ ତା'ର ଆକାର ପୁଣି ସମ୍ଭବ କେମିତି ? ଅତଃ ବେଦ ନ ପଢ଼ିବା, ନ ବୁଝିବାରୁ ଏ ସବୁ ବୁଦ୍ଧିହୀନ କାର୍ଯ୍ୟ ଚାଲିଛି । ଯେତେବେଳେ ଲୋକେ ବେଦ ପଢ଼ିଲେନି, ବୁଝିଲେନି, ଗୁଣ-କର୍ମ ଅନୁସାରେ ଏକ ଈଶ୍ୱରଙ୍କ ଅନେକ ନାମ ଅଛି ବୋଲି ଜାଣିପାରିଲେ ନାହିଁ । ଭିନ୍ନ-ଭିନ୍ନ ନାମକୁ ନେଇ ଭିନ୍ନ-ଭିନ୍ନ ଈଶ୍ୱର ବୋଲି ବିଚାର କଲେ ଓ ଭିନ୍ନ-ଭିନ୍ନ ଆକୃତି କଳ୍ପନା କଲେ । ସମସ୍ୟା ହେଲା ସେଇଠି ।

ପୂର୍ବ ମନ୍ତ୍ରରେ କୁହାଯାଇଛି ଯେ — **'ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତି ।'** ଭଗବାନ ଏକ । ଭଗବାନଙ୍କର ନାମ ଅନେକ । କିନ୍ତୁ ଭଗବାନ ଅନେକ ନୁହନ୍ତି । ଭଗବାନଙ୍କର ନାମ ଅସଂଖ୍ୟ ଏଇଥି ପାଇଁ ଯେ ଭଗବାନଙ୍କର ଗୁଣ-କର୍ମ ଅସଂଖ୍ୟ । ଭଗବାନଙ୍କର ରୂପ ଅସଂଖ୍ୟ ନୁହେଁ । କଳା, ଧଳା, ହଳଦିଆ ଆଦି ରଙ୍ଗ, ଦୁଇ, ଚାରି, ଛଅ, ଆଠ, ଦଶ ଆଦି ହାତ, ୧, ୨, ୩, ୪, ୫... ମୁଣ୍ଡ ବିଶିଷ୍ଟ କିମ୍ବା ଧୋତି କି ଶାଢ଼ୀ ପରିହିତ ରୂପ ଭଗବାନଙ୍କର ନୁହେଁ । ଭଗବାନଙ୍କର ରୂପ ହିଁ ନାହିଁ । କାରଣ ପରମପିତା ପରମାତ୍ମା ସର୍ବବ୍ୟାପକ । ବେଦରେ କୁହାଯାଇଛି —

**ତଦ୍‌ବିଷ୍ଣୋଃ ପରମଂ ପଦଂ ସଦା ପଶ୍ୟନ୍ତି ସୂରୟଃ । ଦିବୀବ ଚକ୍ଷୁରାତତମ୍ ।।** (ଋକ୍. ୧:୨୨:୨୦)

ଆକାଶରେ ସୂର୍ଯ୍ୟଙ୍କ ପ୍ରକାଶ ବ୍ୟାପକ ଥିବା ଭଳି ସର୍ବତ୍ର ଉତ୍ତମ ରୂପେ ପରିପୂରିତ ସର୍ବବ୍ୟାପକ ପରମେଶ୍ୱର 'ବିଷ୍ଣୁ'ଙ୍କ ସେହି ପରମ ପଦ, ସର୍ବୋତ୍କୃଷ୍ଟ ସମସ୍ତଙ୍କର ଜାଣିବା ଓ ପ୍ରାପ୍ତ କରିବା ଯୋଗ୍ୟ ମୋକ୍ଷପଦକୁ ଧର୍ମାତ୍ମା, ଜିତେନ୍ଦ୍ରିୟ, ସର୍ବହିତକାରୀ ବିଦ୍ୱାନ୍‌ଗଣ ସର୍ବଦା ଉତ୍ତମ ରୂପେ ବିଚାର, ନିର୍ମଳ ଜ୍ଞାନ ଦ୍ୱାରା ସ୍ୱ-ଆତ୍ମାରେ ଯଥାର୍ଥତଃ ଦେଖନ୍ତି ।

ବେଦରେ କୁହାଯାଇଛି ଯେ, ପରମେଶ୍ୱର ବିଷ୍ଣୁ ଅଟନ୍ତି । ଈଶ୍ୱରଙ୍କୁ 'ବିଷ୍ଣୁ' ବୋଲି କାହିଁକି କୁହାଯାଇଛି ? ତାଙ୍କର ଚାରୋଟି ହାତ ଓ ସେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧରନ୍ତି ବୋଲି ? ନା, ସେ କ୍ଷୀରସାଗରରେ ଶୟନ କରିଥାନ୍ତି ବୋଲି ? **'ବିଷ୍ଲୃ ବ୍ୟାପ୍ତୌ'** ଧାତୁରୁ **'ବିଷ୍ଣୁ'** ଶବ୍ଦ ନିଷ୍ପନ୍ନ । **'ବେବେଷ୍ଟି ବ୍ୟାପ୍ନୋତି ଚରାଽଚରଂ ଜଗତ୍ ସ ବିଷ୍ଣୁଃ ପରମାତ୍ମା'—** ଚର ଓ ଅଚର ରୂପକ ଜଗତରେ ବ୍ୟାପକ ହୋଇଥିବାରୁ ପରମାତ୍ମାଙ୍କ ନାମ 'ବିଷ୍ଣୁ' (ସତ୍ୟାର୍ଥ ପ୍ରକାଶ. ପ୍ର.ସ.) । ଯେଉଁମାନଙ୍କର ସତ୍ୟ ଜାଣିବାର ଇଚ୍ଛା ଅଛି ଯେ- ଭଗବାନ କେତୋଟି ଅଛନ୍ତି ? କେଉଁଠି ରହନ୍ତି ?' ତାଙ୍କ ଛୁଆ-ପିଲା, ବନ୍ଧୁ-ବାନ୍ଧବ କେତେ ? ସେମାନେ ମିଳି-ମିଶି ରହନ୍ତି ନା ମଝିରେ-ମଝିରେ ଝଗଡ଼ା-ଝାଟି କରନ୍ତି, ପିଟା-ପିଟି ହୁଅନ୍ତି ? ବ୍ରହ୍ମା, ବିଷ୍ଣୁ, ଶିବ, ରୁଦ୍ର, ଗଣେଶ, ଲକ୍ଷ୍ମୀ, ସରସ୍ୱତୀ ଆଦି ଶବ୍ଦରେ କେଉଁ-କେଉଁ ଭଗବାନଙ୍କ କଥା କୁହାଯାଇଛି ? ସେମାନଙ୍କର ସ୍ୱରୂପ କ'ଣ ? ଗୁଣ କ'ଣ ? ଇତ୍ୟାଦି; ସେମାନଙ୍କୁ ମୋର ପରାମର୍ଶ ହେଲା ଯେ, ଜୀବନରେ ଗୋଟିଏ ବହି ନିଶ୍ଚିତ ରୂପେ ପଢ଼ନ୍ତୁ । ତାହା ହେଲା - 'ସତ୍ୟାର୍ଥପ୍ରକାଶ' । 'ସତ୍ୟାର୍ଥପ୍ରକାଶ'ର ଅର୍ଥ ହେଲା ଯିଏ କି ବୈଦିକ ଶବ୍ଦ ଓ ସିଦ୍ଧାନ୍ତଗୁଡ଼ିକରେ ସତ୍ୟ ଅର୍ଥ, ଯଥାର୍ଥ ଅର୍ଥ ପ୍ରକାଶିତ କରେ । ଭଗବାନଙ୍କୁ ଇନ୍ଦ୍ର, ମିତ୍ର, ବରୁଣ, ଅଗ୍ନି, ଆଦିତ୍ୟ, ଅର୍ଯ୍ୟମା, ବୃହସ୍ପତି, ସୂର୍ଯ୍ୟ, ସବିତା, ନାରାୟଣ, ମଙ୍ଗଳ, ଚନ୍ଦ୍ର, ଶନି, ରାହୁ, କେତୁ, ଯମ ଆଦି କାହିଁକି କୁହାଯାଏ- ଏକଥା ସତ୍ୟାର୍ଥପ୍ରକାଶରେ ସୁନ୍ଦର ଭାବେ ବୁଝାଇ ଦିଆଯାଇଛି । ସତ୍ୟାର୍ଥପ୍ରକାଶର ପ୍ରଥମ ଓ ସପ୍ତମ ସମୁଲ୍ଲାସ ବାରମ୍ବାର ମନୋଯୋଗ ସହକାରେ ପଢ଼ିଲେ ଈଶ୍ୱରଙ୍କ ବିଷୟରେ ସ୍ପଷ୍ଟ ଓ ଯଥାର୍ଥ ଧାରଣା ହେବ । ଆଚ୍ଛା, ଭଗବାନଙ୍କୁ ଲକ୍ଷ୍ମୀ ବୋଲି ଯେଉଁ କୁହାଯାଇଛି, ତାହା କ'ଣ ସେ ଶାଢ଼ି ପିନ୍ଧୁଥିବା କାରଣରୁ ?

**ପ୍ର.କ.—** ଧନର ଦେବୀ ହୋଇଥିବାରୁ ।

**ସ୍ୱାମୀଜୀ — 'ଲକ୍ଷ୍ମୀ'** ଏକ ସଂସ୍କୃତ ଶବ୍ଦ । **'ଲକ୍ଷ ଦର୍ଶନାଙ୍କନୟୋଃ'** ବୋଲି ସଂସ୍କୃତରେ ଗୋଟିଏ ଧାତୁ ଅଛି । ସେଥିରୁ **'ଲକ୍ଷ୍ମୀ'** ଶବ୍ଦ ତିଆରି ହୋଇଛି । **'ଯୋ ଲକ୍ଷୟତି ପଶ୍ୟତି-ଅଙ୍କତେ ଚିହ୍ନୟତି ଚରାଽଚରଂ ଜଗତ୍, ଅଥବା ବେଦୈରାପ୍ତୈର୍ଯୋଗିଭିଶ୍ଚ ଯୋ ଲକ୍ଷ୍ୟତେ ସ ଲକ୍ଷ୍ମୀଃ ସର୍ବପ୍ରିୟେଶ୍ୱରଃ'—** ଯିଏ ସକଳ ଚରାଚର ଜଗତକୁ ଦେଖନ୍ତି, ପଦାର୍ଥଗୁଡ଼ିକୁ ବିବିଧ ଚିହ୍ନ ଦ୍ୱାରା ଚିହ୍ନିତ କରନ୍ତି, ଯଥା— ଶରୀରରେ ଚକ୍ଷୁ, ନାସିକା, ଆଦି ଅଙ୍ଗପ୍ରତ୍ୟଙ୍ଗ; ବୃକ୍ଷରେ ପତ୍ର, ପୁଷ୍ପ, ଫଳ, ମୂଳ

ଇତ୍ୟାଦି... ତଥା ସର୍ବ ଶୋଭାର ଶୋଭା ଏବଂ ଯିଏ ବେଦାଦି ଶାସ୍ତ୍ର, ଧାର୍ମିକ ବିଦ୍ୱାନ୍ ଓ ଯୋଗୀଜନଙ୍କ ଲକ୍ଷ୍ୟ ଅର୍ଥାତ୍ ଦର୍ଶନ, ସାକ୍ଷାତ୍କାରର ଯୋଗ୍ୟ ଅଟନ୍ତି, ସେହି ପରମେଶ୍ୱରଙ୍କ ନାମ 'ଲକ୍ଷ୍ମୀ' (ସ.ପ୍ର.)। ପରମାତ୍ମା ସଂସାରରେ ଯେତେ ପଦାର୍ଥ ତିଆରି କରିଛନ୍ତି, ସବୁ ପଦାର୍ଥକୁ ଭିନ୍ନ-ଭିନ୍ନ ଲକ୍ଷଣଯୁକ୍ତ କରିଛନ୍ତି ଚିହ୍ନିବା ପାଇଁ। ଯଥା— ଆମେ ଅଗ୍ନିକୁ ଜାଣୁଛେ ତା'ର ଉଷ୍ଣତା, ପ୍ରକାଶ, ଦାହକତ୍ୱ ଆଦି କାରଣରୁ। ସୂର୍ଯ୍ୟଙ୍କୁ ଜାଣୁଛେ ନିର୍ଦ୍ଦିଷ୍ଟ ଗୁଣ-କର୍ମ କାରଣରୁ। ଜଳକୁ ଜାଣୁଛେ ନିର୍ଦ୍ଦିଷ୍ଟ ଲକ୍ଷଣରୁ, ବାୟୁକୁ ଜାଣୁଛେ ତା'ର ଲକ୍ଷଣରୁ। ଭଗବାନ ଏମିତି ଭିନ୍ନ-ଭିନ୍ନ ଲକ୍ଷଣ (ଗୁଣ-କର୍ମ) ଦେଇ ସଂସାରର ସବୁ ପଦାର୍ଥ ତିଆରି କରିଛନ୍ତି। ଅତଏବ 'ସତ୍ୟାର୍ଥପ୍ରକାଶ' ପଢ଼ିଲେ ହିଁ ବ୍ୟକ୍ତି ଏସବୁ ଶବ୍ଦର ସତ୍ୟ, ଯଥାର୍ଥ ଅର୍ଥ ବୁଝିପାରିବ। ନଚେତ୍ ଏମିତି ଅନ୍ଧାରରେ ବାଟବଣା ହୋଇ ବୁଲୁଥିବ, ଧର୍ମ ନାମରେ ବୁଦ୍ଧିହୀନ କାର୍ଯ୍ୟଗୁଡ଼ିଏ କରୁଥିବ, ଅଧର୍ମ ଅର୍ଜନ କରୁଥିବ।

ତେବେ ଆପଣ ଯେଉଁ ପଚାରିଥିଲେ ଯେ- 'ହିନ୍ଦୁମାନଙ୍କର ଏତେ ଠାକୁର କାହିଁକି ?' ଏହି ବହୁ ଦେବତା ବାଦ ପଛରେ ଗୋଟିଏ କାରଣ କଥା ତ ମୁଁ କହିଲି ଯେ, ଲୋକେ ବେଦ ନ ବୁଝିବା କାରଣରୁ ବେଦରେ ବର୍ଣ୍ଣିତ ଥିବା ଏକ ପରମାତ୍ମାଙ୍କ ଭିନ୍ନ-ଭିନ୍ନ ନାମକୁ ଭିନ୍ନ-ଭିନ୍ନ ଭଗବାନ ବୋଲି ବିଚାର କଲେ। କିଛି ଲୋକେ ବେଦ ତ ପଢ଼ିଲେ ନାହିଁ, ଅଥଚ ଈଶ୍ୱରଙ୍କ ବିଷୟରେ ନିଜେ-ନିଜେ ମନଇଚ୍ଛା କଳ୍ପନା କରିଚାଲିଲେ। ସେମାନେ ବିଚାର କଲେ ଯେ ଗୋଟିଏ କାରଖାନା ଚଳାଇବାକୁ, ରାଜ୍ୟ ଚଳାଇବାକୁ, ଦେଶ ଚଳାଇବାକୁ ଯେହେତୁ ବହୁତ ଲୋକଙ୍କର ଆବଶ୍ୟକତା ପଡୁଛି, ଜଣେ ଲୋକ ଚଳାଇ ପାରୁନାହିଁ; ତେଣୁ ଏ ବିରାଟ ବ୍ରହ୍ମାଣ୍ଡର ପରିଚାଳନା ନିଶ୍ଚିତ ରୂପେ ଜଣେ ଭଗବାନ କରିପାରିବେ ନାହିଁ। ନିଶ୍ଚିତ ରୂପେ ଅନେକ ଭଗବାନ ମିଶି ଏ ସଂସାର ଚଳାଉଥିବେ। ତା' ଛଡ଼ା ପୁରୁଷଟିଏ ପାଇଁ ମହିଳାଟିଏ ଓ ମହିଳାଟିଏ ପାଇଁ ପୁରୁଷଟିଏ ଯେମିତି ସଂସାରରେ ଆବଶ୍ୟକ ପଡ଼ିଥାଏ, ସେହିଭଳି ଭଗବାନମାନେ ମଧ୍ୟ ଏକାକୀ ରହିପାରୁନଥିବେ। ପୁରୁଷ ଭଗବାନ ଟିଏ କି ମହିଳା ଭଗବାନଟିଏ ଏକୁଟିଆ ରହିଲେ ବୋର୍ ହେବେ। ତେଣୁ ପ୍ରାୟ ଯୋଡ଼ି-ଯୋଡ଼ି ଭଗବାନ କଳ୍ପନା କଲେ। ତା'ଛଡ଼ା ଲୋକଟିଏ ଘରକାମ, ଦପ୍ତର କାମ, ଦୋକାନ କାମ କରି ଯେମିତି ଥକିପଡୁଛି, ଭଗବାନ ମଧ୍ୟ ତାଙ୍କ କାମ କଲେ ହାଲିଆ ହୋଇପଡୁଥିବେ, ତାଙ୍କ ଗୋଡ଼-ହାତ ଘୋଳା-ବିନ୍ଧା ହେଉଥିବ। ତେଣୁ ବିଷ୍ଣୁ ଏ ସଂସାରର ପାଳନ କାର୍ଯ୍ୟ କରି-କରି କ୍ଳାନ୍ତ ହୋଇଗଲେ, ଗୋଡ଼-ହାତ ଘୋଳା-ବିନ୍ଧା ହେଲେ ଲକ୍ଷ୍ମୀ ତାଙ୍କ ଗୋଡ଼ ମୋଡ଼ିବା ନିହାତି ଜରୁରୀ। ଏଭଳି ଲୋକଙ୍କ କଳ୍ପନାରୁ ହିଁ ବିଷ୍ଣୁ ଶୟନ ମୁଦ୍ରାରେ ଥିବା ଓ ଲକ୍ଷ୍ମୀ ଗୋଡ଼-ମୋଡୁଥିବା ବିଚାର ଓ ଚିତ୍ରର ଉତ୍ପତ୍ତି।

**ପ୍ର.କ.—** ଆଚ୍ଛା ! ସତରେ ସେମିତି କିଛି କଥା ନାହିଁ ନା ?

**ସ୍ୱାମୀଜୀ —** କି ବିଚିତ୍ର କଥା ! ଏକଥା କେମିତି ସମ୍ଭବ ହେବ ? କାହା ହାତ-ଗୋଡ଼ ଘୋଳି ହୁଏ ? କେଉଁ ସ୍ଥିତିରେ ହୁଏ ? ପ୍ରାୟତଃ ଆମେ ଦେଖୁ ଯେ ପିଲାମାନେ ବେଶୀ ଡିଆଁ-ଡେଇଁ କଲେ ସେମାନଙ୍କ ଗୋଡ଼ ଘୋଳି ହେଉଛି ବୋଲି କହନ୍ତି। ବାର୍ଦ୍ଧକ୍ୟ ସ୍ଥିତିରେ ବି ବେଶୀ ଘୋଳା-ବିନ୍ଧା ହେଉଥିବା ଆମେ ଦେଖୁ। ଯୁବକ ଅବସ୍ଥାରେ ସାମାନ୍ୟତଃ ହାତ-ଗୋଡ଼ ଘୋଳି ହୁଏ ନାହିଁ। ହାତ-ଗୋଡ଼ ଘୋଳି ହେବା ପଛରେ ବାୟୁ ବିକାର, ସ୍ନାୟୁ ବିକାର ଆଦି କାରଣ। ପ୍ରୌଢ଼ାବସ୍ଥାରେ ବୟସ ଯେତିକି-ଯେତିକି ବଢ଼େ, ମଣିଷର ଶକ୍ତି ସେତିକି - ସେତିକି କମେ, ରୋଗ-ବ୍ୟାଧି ସେତିକି-ସେତିକି ବଢ଼େ। ପରମାତ୍ମା ତ ସର୍ବଶକ୍ତିମାନ୍। ସେ କେବେ ରୁଗ୍ଣ ହୁଅନ୍ତିନି। ତେଣୁ ତାଙ୍କର ଆଜି ମୁଣ୍ଡ ବିନ୍ଧିବା, କାଲି ଅଣ୍ଟା କାଟିବା, ପଅରଦିନ ଆଣ୍ଠୁ ଦରଜ ହେବା, ତା' ପରଦିନ ଗୋଡ଼ ଘୋଳି ହେବା ଆଦି ଏସବୁ କିଛି ହୁଏ ନାହିଁ। ଅବଶ୍ୟ କେଉଁଠି-କେଉଁଠି ଭଗବାନ ରୁଗ୍ଣ ହେଉଥିବା, ତାଙ୍କୁ ପଥ୍ୟ-ପାଞ୍ଚନ-ଔଷଧ ଦିଆଯାଉଥିବା କଥା ବି ଶୁଣାଯାଏ। ପଚାରିଲେ, ଏସବୁ ଭଗବାନଙ୍କ ଲୀଳା ବୋଲି ଉତ୍ତର ମିଳେ। ବାସ୍ତବରେ ଏସବୁ ଭଗବାନଙ୍କ ଲୀଳା ନୁହେଁ, ଧୂର୍ତ୍ତମାନଙ୍କ ଲୀଳା। ବେଦମନ୍ତ୍ରରେ ପରମାତ୍ମାଙ୍କ ବିଷୟରେ କୁହାଯାଇଛି — **'ଅଜରଂ ଯୁବାନମ୍' —** ପରମାତ୍ମା ଅଜର ଅଟନ୍ତି, ସଦା ଯୁବା

ଅର୍ଥାତ୍ ସର୍ବଦା ପୂର୍ଣ୍ଣଶକ୍ତିମାନ୍ ଅଟନ୍ତି । 'ଜରା'ର ଅର୍ଥ ହେଲା ବାର୍ଦ୍ଧକ୍ୟ । ଈଶ୍ୱର ଅଜର, କେବେ ବି ବୁଢ଼ା ହୁଅନ୍ତି ନାହିଁ, ନିଜ କାମ ପାଇଁ ଅସମର୍ଥ ହୁଅନ୍ତି ନାହିଁ । ତେଣୁ ତାଙ୍କୁ ତାଙ୍କ କାମ ପାଇଁ ସହାୟକ ଆବଶ୍ୟକ ନାହିଁ ।

**ପ୍ର.କ.—** ତା' ମାନେ ଏଇଟା ଗୋଟେ ଭୁଲ୍ କଥାଟେ । ଭଗବାନଙ୍କର କୌଣସି କାମ ପାଇଁ କୌଣସି ସହାୟକର ଆବଶ୍ୟକତା ନାହିଁ ।

**ସ୍ୱାମୀଜୀ —** ନା । ଆମେ ମଣିଷମାନେ ଜୀବାତ୍ମା । ଜୀବାତ୍ମା ଅଳ୍ପଶକ୍ତିମାନ୍ । ତେଣୁ ତା'ର ବିବିଧ ଆବଶ୍ୟକତା ପୂରଣ ପାଇଁ ବିଭିନ୍ନ ସହାୟକ ଆବଶ୍ୟକ । କିନ୍ତୁ ପରମାତ୍ମା ସର୍ବଶକ୍ତିମାନ୍ । ତେଣୁ ତାଙ୍କର ସମସ୍ତ କାମ; ଯଥା — ସୃଷ୍ଟି ରଚନା କରିବା, ପାଳନ କରିବା ଓ ଆବଶ୍ୟକତାନୁସାରେ ପ୍ରଳୟ କରିବା ଇତ୍ୟାଦି ପାଇଁ ସେ ଏକାକୀ ସମର୍ଥ । ତାଙ୍କର କୌଣସି କାମ ପାଇଁ ଆଉ କାହାରି ଆବଶ୍ୟକତା ନାହିଁ । ଏଣୁ ସଂସାରରେ ଏକାଧିକ ଭଗବାନଙ୍କର ଆବଶ୍ୟକତା ହିଁ ନାହିଁ । ଦ୍ୱିତୀୟରେ, ଭଗବାନଙ୍କର ଶରୀର ହିଁ ନାହିଁ । ତେଣୁ ସେ ପୁରୁଷ କି ସ୍ତ୍ରୀ ହେବାର ପ୍ରଶ୍ନ ଉଠୁଛି କୁଆଡୁ । ସେ ସଚ୍ଚିଦାନନ୍ଦସ୍ୱରୂପ । ଏଣୁ ସେ କେବେ ବୋର୍ ହୁଅନ୍ତି ନାହିଁ ।

**ପ୍ର.କ.—** ବିଷ୍ଣୁଙ୍କ ସହ ଲକ୍ଷ୍ମୀ ବୋଲି ଆଉ ଗୋଟିଏ ଠାକୁର ଥିବା କଥା କ'ଣ ଭୁଲ୍ ?

**ସ୍ୱାମୀଜୀ —** ହଁ । ବିଷ୍ଣୁ ଓ ଲକ୍ଷ୍ମୀ ଦୁଇଟି ଅଲଗା-ଅଲଗା ଭଗବାନ ନୁହଁନ୍ତି । କେହି ପତି କି ଆଉ ଜଣେ ପତ୍ନୀ ନୁହନ୍ତି । ମୁଁ ଏବେ ଆଲୋଚନାରେ ଦର୍ଶାଇଲି ଯେ ବିଷ୍ଣୁ ଓ ଲକ୍ଷ୍ମୀ ଏକ ପରମାତ୍ମାଙ୍କର ହିଁ ଭିନ୍ନ-ଭିନ୍ନ ନାମ ଦୁଇଟି ଭିନ୍ନ-ଭିନ୍ନ ଗୁଣ-କର୍ମ କାରଣରୁ । ବିଷ୍ଣୁଙ୍କ ପାଦ ଲକ୍ଷ୍ମୀ ମଞ୍ଜାଳୁଥିବା କଳ୍ପନା ସ୍ୱାର୍ଥବଶତଃ ବି ହୋଇଥିବ ।

**ପ୍ର.କ.—** କ'ଣ ସ୍ୱାର୍ଥ ଥାଇପାରେ ?

**ସ୍ୱାମୀଜୀ —** ମନେକରନ୍ତୁ ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ କହିଲେ, 'ମୋ ଗୋଡ଼ ଟିକିଏ ମୋଡ଼ିଦେଲ ।' ଯଦି ପତ୍ନୀ ମନାକରନ୍ତି, ତେବେ ତୁରନ୍ତ ତାଙ୍କୁ ଦୃଷ୍ଟାନ୍ତ ଦିଆଯାଇପାରିବ — 'ଦେଖୁନ ! ଲକ୍ଷ୍ମୀ ସବୁବେଳେ ବିଷ୍ଣୁଙ୍କ ଗୋଡ଼ ମୋଡ଼ୁଛନ୍ତି ।'

**ପ୍ର.କ.—** ଆଚ୍ଛା, ଆଚ୍ଛା ! ପତ୍ନୀମାନଙ୍କୁ ପାଠ ପଢ଼ାଯିବା ପାଇଁ ଏ ଅଭିନବ ଯୋଜନା ହୋଇଛି !

**ସ୍ୱାମୀଜୀ —** ଭୁଆଁ ବୁଲେଇ ଗୋଡ଼ ଘଷାଇବା ପାଇଁ ଏ ଗପ ଓ ଚିତ୍ରର ସୃଜନ ହୋଇଥାଇପାରେ । ଚିତ୍ରରେ ଦେଖାଇ ଦିଆଯାଇଛି ଯେ ବିଷ୍ଣୁ ଆରାମରେ ଶୟନ ମୁଦ୍ରାରେ ଅଛନ୍ତି ଓ ବିଚାରୀ ଲକ୍ଷ୍ମୀ ପାଦ ମଞ୍ଜାଳୁଛନ୍ତି । ଆଚ୍ଛା, ଲକ୍ଷ୍ମୀ ବି ତ ଗୁରୁବାର ଦିନ ସମସ୍ତଙ୍କୁ ଖାଦ୍ୟ ଦେବା ପାଇଁ ସବୁଆଡ଼େ ବୁଲନ୍ତି ବୋଲି ପୁରାଣରେ ଲେଖାଯାଇଛି । ସିଏ କ୍ଲାନ୍ତ ହୁଅନ୍ତି ନା ନାହିଁ ? ତାଙ୍କ ଗୋଡ଼-ହାତ ଘୋଳା-ବିନ୍ଧା ହୁଏ ନା ନାହିଁ ? ସିଏ କେବେ ଶୁଅନ୍ତି ନା ନାହିଁ ? ବିଷ୍ଣୁ ତାଙ୍କ ସେବା-ଯତ୍ନ କରୁଥିବା କଥା କୌଣସି ପୁରାଣ ଆଦିରେ ତ ମୋ ଦୃଷ୍ଟିରେ ପଡ଼ିନି । ବିଷ୍ଣୁଙ୍କ ସେବା କରିବା ଯଦି ଲକ୍ଷ୍ମୀଙ୍କ ଧର୍ମ । ଲକ୍ଷ୍ମୀଙ୍କ ପ୍ରତି ବିଷ୍ଣୁଙ୍କର କ'ଣ କିଛି ସେବା-ଯତ୍ନର ଦାୟିତ୍ୱ ନାହିଁ ? ଅତଏବ ଏଭଳି ଭାବେ ସ୍ୱାର୍ଥ, ଅଜ୍ଞାନ, ବେଦର ଅଧ୍ୟୟନ ନ କରିବା, ନ ବୁଝିବା ଆଦି ଅନେକ କାରଣରୁ ଅନେକ ଦେବତାଙ୍କର କଳ୍ପନା ଓ ସେମାନଙ୍କୁ ନେଇ ଅନେକ କାହାଣୀର ରଚନା ।

**ପ୍ର.କ.—** ତା' ମାନେ ଆମର ଯେଉଁ ଧାରଣା ଅଛି ଯେ ହିନ୍ଦୁ ଧର୍ମରେ ତେତିଶ କୋଟି ଭଗବାନ, ଦେବତା ଅଛନ୍ତି, ଏକଥା ଭୁଲ୍ ।

**ସ୍ୱାମୀଜୀ —** ତୁମେ ଏଇଠି ଦୁଇଟି ବିଷୟରେ କହିଲ । ଗୋଟିଏ ହେଲା ଭଗବାନ, ଅନ୍ୟଟି ଦେବତା । ଭଗବାନ ବା ଈଶ୍ୱର ବି ଜଣେ ଦେବତା ଅଟନ୍ତି; କିନ୍ତୁ ବେଦରେ ବର୍ଣ୍ଣିତ ପ୍ରତ୍ୟେକ ଦେବତା ପରମାତ୍ମା ବା ପରମେଶ୍ୱର ନୁହନ୍ତି । ଭଗବାନ, ପରମାତ୍ମା, ପରଂବ୍ରହ୍ମ ବୋଲି ତାଙ୍କୁ କୁହାଯାଏ, ଯିଏ କି ସାରା ସଂସାରକୁ ସର୍ଜନା କରିଛନ୍ତି, ପାଳନ କରୁଛନ୍ତି ଓ ପ୍ରଳୟ କରନ୍ତି । ବେଦାନ୍ତ ଦର୍ଶନରେ କୁହାଯାଇଛି — **'ଜନ୍ମାଦାସ୍ୟ ଯତଃ'** (୧:୧:୨) — ଯିଏ ଏ ସୃଷ୍ଟିର ଉତ୍ପତ୍ତି କରନ୍ତି, ପାଳନ କରନ୍ତି ଓ ପ୍ରଳୟ କରନ୍ତି ସିଏ ବ୍ରହ୍ମ ବା ପରମେଶ୍ୱର ଅଟନ୍ତି । କିନ୍ତୁ ଦେବତା ଶବ୍ଦର କ'ଣ ପରିଭାଷା ଦିଆଯାଇଛି ବୈଦିକ ସାହିତ୍ୟରେ ?

**‘ଦେବୋ ଦାନାଦ୍ ବା’** (ନିରୁକ୍ତ. ୭:୧୫)— ଯାହା ପାଖରେ ଦେବାର ଗୁଣ ଥାଏ, ତାକୁ ଦେବତା କୁହାଯାଏ। ଦେବତା ଜଡ଼ ବି ହୋଇପାରେ, ଚେତନ ମଧ୍ୟ ହୋଇପାରେ।

**ପ୍ର.କ.—** ଆଚ୍ଛା ! ଦେବତା ଜଡ଼ ବି ହୋଇପାରେ, ଚେତନ ବି ହୋଇପାରେ ?

**ସ୍ୱାମୀଜୀ —** ହଁ। ଦେବତା ଜଡ଼ ବି ହୋଇପାରନ୍ତି, ଚେତନ ବି ହୋଇପାରନ୍ତି। କାରଣ ଦେବତା କୁହାଯିବା ପାଇଁ ମୁଖ୍ୟ ଆବଶ୍ୟକତା ହେଲା ତାଙ୍କ ଭିତରେ ଦେବାର ଗୁଣ ଥିବା, ଦିବ୍ୟଗୁଣ ଥିବା। ଏ ଯେଉଁ ତେତିଶ କୋଟି ଦେବତା କଥା କୁହାଯାଉଛି, ତା’ର ଯଥାର୍ଥ ଅର୍ଥ କ’ଣ ? ‘କୋଟି’ର ଗୋଟିଏ ଅର୍ଥ ହେଲା ଶହେ ଲକ୍ଷ। ତେବେ ତେତିଶ କୋଟିର ଅର୍ଥ ଯଦି ତେତିଶ ଶହ ଲକ୍ଷ ଦେବତା, ତେବେ କେଉଁ ପୁସ୍ତକରେ ଏ ସମସ୍ତଙ୍କର ନାମ ଦିଆଯାଇଛି ? କିଏ କହିପାରିବ ଏମାନଙ୍କ ନାମ ? ତା’ ଛଡ଼ା ଯେହେତୁ ନୂଆ-ନୂଆ ଦେବୀ-ଦେବତାଙ୍କ ଉଦ୍‌ଭାବନ ହୋଇଚାଲିଛି, ଏମାନଙ୍କ ସଂଖ୍ୟା ବି ତ ବଦଳି ଚାଲିଥିବ। ‘କୋଟି’ ର ଅନ୍ୟ ଏକ ଅର୍ଥ ଶ୍ରେଣୀବିଭାଗ, ସ୍ତର। ଯେମିତିକି ଆମେ କହିଥାଉ ଯେ ଇଏ ଜଣେ ଉଚ୍ଚକୋଟିର ବିଦ୍ୱାନ, ସିଏ ଜଣେ ନିମ୍ନ କୋଟିର ବ୍ୟକ୍ତି ଇତ୍ୟାଦି। ସେ ଦୃଷ୍ଟିରୁ ଦେବତା ୩୩ କୋଟିର ଅର୍ଥ ୩୩ ପ୍ରକାର ବୋଲି ଯଦି କୁହାଯାଏ, ତେବେ ତାହା ବିଚାର୍ଯ୍ୟ। ସଂଖ୍ୟା ଦୃଷ୍ଟିରୁ ତ ଦେବତା ବିଷୟରେ ୩୩ କୋଟି ନୁହେଁ, ୩୩ ଗୋଟି ଦେବତା ବୋଲି ବେଦରେ କୁହାଯାଇଛି — **‘ତ୍ରୟସ୍ତ୍ରିଂଶଦ୍ ଦେବତାଃ’** (ଅଥର୍ବ. ୧୯:୨୭:୧୦)।

**ପ୍ର.କ.—** ସେ ତେତିଶଟି ଦେବତା କିଏ ?

**ସ୍ୱାମୀଜୀ —** ସେ ତେତିଶଟି ଦେବତା କିଏ ଓ କାହିଁକି ସେକଥା ଶତପଥ ବ୍ରାହ୍ମଣ (୧୪:୩:୭:୪)ରେ ବର୍ଣ୍ଣନା କରାଯାଇଛି। ସେ ତେତିଶ ଦେବତା ହେଲେ — ଅଷ୍ଟ ବସୁ, ଏକାଦଶ ରୁଦ୍ର, ଦ୍ୱାଦଶ ଆଦିତ୍ୟ, ଇନ୍ଦ୍ର ଓ ପ୍ରଜାପତି = ୮+୧୧+୧୨+୧+୧ ।

‘ବସୁ’ ମାନେ କ’ଣ ? ଏମାନଙ୍କୁ ବସୁ କାହିଁକି କୁହାଯାଏ ? ଶତପଥ ବ୍ରାହ୍ମଣରେ କୁହାଯାଇଛି — **‘ଏତେଷୁ ହୀଦଂ ସର୍ବଂ ବସୁ ହିତମେତେ ହୀଦଂ ବାସୟନ୍ତେ ତଦ୍‌ୟଦିଦଂ ସର୍ବଂ ବାସୟନ୍ତେ ତସ୍ମାଦ୍‌ବସବ ଇତି।’** (ଶତ. ୧୪:୩:୭:୪)। ଯାହା ଆଧାରରେ ପ୍ରାଣୀମାନେ ବସବାସ କରନ୍ତି ଅଥବା ପ୍ରାଣୀମାନଙ୍କୁ ସୁଖରେ ବସବାସ କରାଇବା ପାଇଁ ଯେଉଁମାନେ ସହାୟକ ଅଟନ୍ତି ସେଗୁଡ଼ିକୁ ‘ବସୁ’ ବୋଲି କୁହାଯାଇଛି। ଅଷ୍ଟ ବସୁ ହେଲେ — ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ଚନ୍ଦ୍ର, ସୂର୍ଯ୍ୟ ଓ ନକ୍ଷତ୍ର।

ପୃଥିବୀ ପୃଷ୍ଠରେ ସ୍ଥଳଭାଗରେ ଆମେ ମନୁଷ୍ୟାଦି ପ୍ରାଣୀ ବସବାସ କରୁଛେ। ଏଇଠି ଆମେ ଖାଦ୍ୟ ପାଇଁ ଚାଷବାସ ଆଦି କରୁଛେ, ଅନ୍ୟ ଆବଶ୍ୟକତା ପୂରଣ ପାଇଁ ପୃଥିବୀ ପୃଷ୍ଠରୁ ଉପାଦାନ ପାଉଛେ। ଅର୍ଥାତ୍ ଆମ ଖାଦ୍ୟ, ବସ୍ତ୍ର ଓ ବାସସ୍ଥାନ ଓ ତିନୋଟି ଯାଉ ପୃଥିବୀରୁ ପାଉଛେ। ତେଣୁ ପୃଥିବୀ ଏକ ‘ବସୁ’। ଜଳରେ ମାଛ ଆଦି ଜଳଚର ପ୍ରାଣୀମାନେ ରହୁଛନ୍ତି। ତା’ ଛଡ଼ା ମଣିଷାଦି ପ୍ରାଣୀଙ୍କୁ ବଞ୍ଚିବା ପାଇଁ ତୃଷା ନିବାରଣ, କୃଷି ଆଦି ସକାଶେ ଜଳ ବି ଦରକାର। ତେଣୁ ଜଳ ହେଲା ବସୁ। ଅଗ୍ନି ନ ଥିଲେ ଆମେ ରୋଷେଇ ଆଦି କରିପାରିବା ନାହିଁ। କାରଖାନା ଆଦିରେ ଯାବତୀୟ କାର୍ଯ୍ୟ ସମ୍ପାଦନ କରିପାରିବା ନାହିଁ। ତେଣୁ ମଣିଷର ସ୍ଥିତି ଓ ପ୍ରଗତି ପାଇଁ ଅଗ୍ନି ଆବଶ୍ୟକ। ଏଇଥି ପାଇଁ ଅଗ୍ନି ଏକ ବସୁ। ବାୟୁମଣ୍ଡଳରେ ଅମ୍ଳଜାନ ଅଛି, ଯାହାକି ଆମ ଜୀବନଧାରଣ ପାଇଁ ଏକାନ୍ତ ଅପରିହାର୍ଯ୍ୟ। ତେଣୁ ବାୟୁକୁ ମଧ୍ୟ ଅନ୍ୟତମ ବସୁ ବୋଲି କୁହାଯାଇଛି। ଏହି ଶୂନ୍ୟ ଆକାଶ ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର ଆଦି ସମସ୍ତ ପିଣ୍ଡଗୁଡ଼ିକୁ ରହିବା ପାଇଁ ସ୍ଥାନ ଯୋଗାଇଛି। ଏହି ଅବକାଶ ନଥିଲେ କୌଣସି ପିଣ୍ଡର ଅବସ୍ଥାନ ସମ୍ଭବ ହୋଇନଥାନ୍ତା କି ଗତି ସମ୍ଭବ ହୋଇନଥାନ୍ତା। ତେଣୁ ଆକାଶକୁ ବସୁ ବୋଲି କୁହାଯାଇଛି। ପୃଥିବୀ ପୃଷ୍ଠରେ ବୃକ୍ଷଲତା ବଢ଼ିବା, ଖାଦ୍ୟ ଉତ୍ପାଦନ ହେବା ପାଇଁ ସୂର୍ଯ୍ୟକିରଣ ଦରକାର। ବିନା ସୂର୍ଯ୍ୟରେ ପୃଥିବୀରେ ମନୁଷ୍ୟାଦି ପ୍ରାଣୀଙ୍କ ସ୍ଥିତି ସମ୍ଭବ ନୁହେଁ। ତେଣୁ ସୂର୍ଯ୍ୟ ଏକ ବସୁ। ଚନ୍ଦ୍ର ଯୋଗୁଁ ଅନେକ ବୃକ୍ଷଲତାରେ ଅନେକ ଔଷଧୀୟ ରସର ସଞ୍ଚାର ହୁଏ। ଏଣୁ ଚନ୍ଦ୍ରକୁ ବସୁ କୁହାଯାଇଛି। ଅନ୍ୟାନ୍ୟ ନକ୍ଷତ୍ରମାନଙ୍କ ଯୋଗୁଁ ଆମ ଉପରେ ପଡୁଥିବା ମହାଜାଗତିକ ପ୍ରଭାବ

ସମ୍ପର୍କରେ ଋଷିମାନେ ଅବଗତ ଥିବାରୁ ଅନ୍ୟ ନକ୍ଷତ୍ରଗୁଡିକୁ ମଧ୍ୟ ବସୁ ବର୍ଗରେ ରଖିଛନ୍ତି।

**ପ୍ର.କ.—** ଏଗୁଡ଼ିକ ତ ହେଲେ ଅଷ୍ଟ ବସୁ। ପୁଣି ଏକାଦଶ ରୁଦ୍ର କିଏ ?

**ସ୍ୱାମୀଜୀ —** ରୁଦ୍ର କିଏ ଓ କାହିଁକି ସେ କଥା ବି ଶତପଥ ବ୍ରାହ୍ମଣରେ କୁହାଯାଇଛି। ଯିଏ ରୋଦନ କରାନ୍ତି ତାଙ୍କୁ ରୁଦ୍ର ବୋଲି କୁହାଯାଏ। ଏକାଦଶ ରୁଦ୍ର ହେଲେ ଆମ ଶରୀର ଭିତରେ ଥିବା ଦଶ ପ୍ରାଣ — ପ୍ରାଣ, ଅପାନ, ବ୍ୟାନ, ସମାନ, ଉଦାନ, ନାଗ, କୂର୍ମ, କୃକଲ, ଦେବଦତ୍ତ ଓ ଧନଞ୍ଜୟ ଏବଂ ଏକାଦଶ ହେଲା ଜୀବାତ୍ମା। ଆମେ ବାହାରୁ ଯେଉଁ ବାୟୁ ଶ୍ୱାସକ୍ରିୟାରେ ଗ୍ରହଣ କରୁ ତାହା ଶରୀରରେ ବିଭିନ୍ନ ସ୍ଥାନରେ ଭିନ୍ନ-ଭିନ୍ନ ଅବସ୍ଥାରେ ପରିଣତ ହୋଇ ଭିନ୍ନ-ଭିନ୍ନ କ୍ରିୟା ସମ୍ପାଦନ କରେ। ତାହାକୁ ଦଶ ପ୍ରାଣ ବୋଲି କୁହାଯାଇଛି। 'ପ୍ରାଣ' ହୃଦୟସ୍ଥ ହୋଇ ଶ୍ୱସନ କ୍ରିୟାକୁ ଉଚିତ ରୂପେ ସମ୍ପାଦନ କରେ। ସ୍ଥୁଳ ଶରୀରରେ ଆତ୍ମା ରହିପାରିବାର ଏହା ମୁଖ୍ୟ ସାଧନ। 'ଅପାନ'ର ସ୍ଥାନ ନାଭିରୁ ମଳଦ୍ୱାର ପର୍ଯ୍ୟନ୍ତ ବୋଲି କୁହାଯାଇଛି। ମଳ-ମୂତ୍ର ଓ ରଜ-ବୀର୍ଯ୍ୟର ବିସର୍ଜନ ଆଦି ଏହାର କାର୍ଯ୍ୟ। ନାଭିସ୍ଥ ହୋଇ ସମଗ୍ର ଶରୀରକୁ ଖାଦ୍ୟରୁ ରସ ପହଞ୍ଚାଇବା 'ସମାନ' ପ୍ରାଣର କାର୍ଯ୍ୟ ବୋଲି କୁହାଯାଇଛି। ପାଚନ ଶକ୍ତି ପାଇଁ ଏହା ପରମାବଶ୍ୟକ। କଣ୍ଠରୁ ଆବିର୍ଭୂତ ହୋଇ ଶିରରେ ପ୍ରବିଷ୍ଟ ହୋଇଥିବା ପ୍ରାଣ 'ଉଦାନ' ବୋଲି କୁହାଯାଏ। କଣ୍ଠ ଦ୍ୱାରା କରାଯାଉଥିବା କାର୍ଯ୍ୟ ଉଦାନ ପ୍ରାଣ ସାହାଯ୍ୟରେ ହୋଇଥାଏ। ସମସ୍ତ ଶରୀରରେ ବ୍ୟାପକ ଥିବା ପ୍ରାଣ 'ବ୍ୟାନ' ବୋଲି କୁହାଯାଇଛି। ଶରୀରରେ ଚେଷ୍ଟା ଆଦି କର୍ମ ଜୀବ ଏହା ଦ୍ୱାରା କରିଥାଏ। ଏହା ଜ୍ଞାନବାହକ, କର୍ମ ବା ଗତିବାହକ ସୂକ୍ଷ୍ମ ତନ୍ତୁ ବା ନାଡ଼ିଗୁଡ଼ିକୁ ଗତି ପ୍ରଦାନ କରିଥାଏ। 'ନାଗ' ପ୍ରାଣର ନିବାସ ହେଲା ମୁଖ। ହାକୁଟି, ଏଉଡ଼ି ଏହା ଦ୍ୱାରା ଆସିଥାଏ। ଉଚିତ ଆହାର-ବିହାର ଓ ପାଚନଶକ୍ତି ଉତ୍ତମ ରହିଲେ ଏହା ଶାନ୍ତ ରହିଥାଏ। ଉଦର ବିକାର ହେଲେ ଏହା ବିକରାଳ ରୂପ ଧାରଣ କରେ। 'କୂର୍ମ' ପ୍ରାଣର ନିବାସ ସ୍ଥାନ ନେତ୍ର। ଆଖିର ପଲକ ଖୋଲିବା-ବନ୍ଦକରିବା ଏହାର କାର୍ଯ୍ୟ। ଜାଗ୍ରତାବସ୍ଥାରେ ଏହାର କାର୍ଯ୍ୟ ନିରନ୍ତର ଚାଲିଥାଏ। ନିମେଷୋନ୍ମେଷ କାଳରେ ନେତ୍ରର ସଙ୍କୋଚନ-ପ୍ରସାରଣ ଏହାର କାର୍ଯ୍ୟ। 'କୃକଲ' ପ୍ରାଣର ନିବାସ ସ୍ଥାନ କଣ୍ଠ। ହାଇ ମାରିବା କାର୍ଯ୍ୟ ଏହା ଯୋଗୁଁ ହୋଇଥାଏ। ଏହା କଣ୍ଠ ଓ ମୁଖକୁ ବିସ୍ତାର କରିଥାଏ। ଦେବଦତ୍ତ ପ୍ରାଣ ନାସିକା ସ୍ଥାନୀୟ। ମୁଖ୍ୟତଃ ଛିଙ୍କ ଏହା ଯୋଗୁଁ ହୋଇଥାଏ। 'ଧନଞ୍ଜୟ' ପ୍ରାଣ ଦେହରେ ସର୍ବତ୍ର ବ୍ୟାପକ। ଆଘାତ ଲାଗିଲେ ସେ ସ୍ଥାନ ଫୁଲିଯିବା ଏହା ଯୋଗୁଁ ହୋଇଥାଏ ବୋଲି କୁହାଯାଇଛି। ଚର୍ମ ତଥା ଆନ୍ତରିକ ମାଂଶପେଶୀ ଓ ନାଡ଼ିରେ ଏହା ବ୍ୟାପକ ଥାଏ। ଜୀବାତ୍ମା ସହ ଏହି ୧୦ପ୍ରାଣ ଯେତେବେଳେ ଶରୀରରୁ ବାହାରନ୍ତି ସମସ୍ତଙ୍କୁ ରୋଦନ କରାନ୍ତି, ଦୁଃଖ ଦିଅନ୍ତି ତେଣୁ ଏମାନଙ୍କୁ 'ରୁଦ୍ର' ବୋଲି କୁହାଯାଇଛି। ଏମାନେ ବାହାରିବା ବେଳକୁ ରୋଦନ କରାଉଥିବାରୁ ତ ରୁଦ୍ର। ଦ୍ୱିତୀୟରେ, ଆମ ଆହାର-ବିହାର ଉଚିତ ନ ହେଲେ ଏ 'ପ୍ରାଣ' ରୁଦ୍ରମାନେ ଶରୀରରେ କୁପିତ ହୋଇ ଆମକୁ କମ୍ ରୋଦନ କରାନ୍ତି, ଦୁଃଖ ଦିଅନ୍ତି କି ? ବାୟୁବିକାରରୁ ମୁଣ୍ଡ ବ୍ୟଥା, ଅଣ୍ଟାବ୍ୟଥା, ଛାତିବ୍ୟଥା, ଗଣ୍ଠିବ୍ୟଥା, ମାଂସପେଶୀ ଯନ୍ତ୍ରଣା ଆଦି କେତେ କ'ଣ ଦୁଃଖ ଆମେ ଭୋଗୁ। କିନ୍ତୁ ଏ ରୁଦ୍ରମାନେ ଶାନ୍ତ ରହିଲେ ଆମକୁ ବହୁ ଆନନ୍ଦ, ଶାନ୍ତି ମିଳେ।

**ପ୍ର.କ.—** ବାକି ଯେଉଁ ଦେବତା ରହିଲେ, ସେମାନେ କିଏ-କିଏ ?

**ସ୍ୱାମୀଜୀ —** ପରବର୍ତ୍ତୀ ହେଲେ ଦ୍ୱାଦଶ ଆଦିତ୍ୟ ଅର୍ଥାତ୍ ବର୍ଷର ୧୨ ମାସ। ଶତପଥ ବ୍ରାହ୍ମଣରେ କୁହାଯାଇଛି **— 'କତମ ଆଦିତ୍ୟା ଇତି ? ଦ୍ୱାଦଶ ମାସାଃ ସମ୍ବତ୍ସରସ୍ୟୈତ ଆଦିତ୍ୟାଃ। ଏତେ ହୀଦଂ ସର୍ବମାଦଦାନା ଯନ୍ତି, ତଦ୍ୟଦିଦଂ ସର୍ବମାଦଦାନା ଯନ୍ତି ତସ୍ମାଦାଦିତ୍ୟା ଇତି ॥'** (ଶତ. ୧୪:୬)— ଏମାନଙ୍କୁ ଆଦିତ୍ୟ ଏଇଥି ପାଇଁ କୁହାଯାଏ ଯେ ଏମାନେ ଜଗତର ପଦାର୍ଥଗୁଡ଼ିକୁ ଆଦାନ କରନ୍ତି ଅର୍ଥାତ୍ ସମସ୍ତଙ୍କ ଆୟୁକୁ ଗ୍ରହଣ (ହରଣ) କରିଚାଲନ୍ତି। ଏତଦ୍ୱାରା ସମସ୍ତଙ୍କୁ ସତର୍କ ସୂଚନା ଯେ ଆୟୁ ନିୟମିତ କ୍ଷୟ ପାଇଚାଲିଛି। ଏ ୧୨ ମାସ ଯୋଗୁଁ ଆମକୁ ବିବିଧ ଭୋଗ୍ୟ ପଦାର୍ଥ ତ ପ୍ରାପ୍ତ

ହୁଏ; କିନ୍ତୁ ଆମେ ଏ ଭୋଗରେ ମଜ୍ଜିରହି ଭୁଲିଯିବା ଅନୁଚିତ ଯେ **'ଭୋଗା ନ ଭୁକ୍ତା ବୟମେବ ଭୁକ୍ତାଃ'**(ବୈରାଗ୍ୟ. ୧୨) — ଆମେ ଭୋଗ୍ୟପଦାର୍ଥ ଭୋଗ କରୁଛୁ ବୋଲି କ'ଣ ଭାବୁଛୁ, ବରଂ ଆମେ ହିଁ ନିୟମିତ ଭୋଗ୍ୟ ହୋଇଚାଲିଛୁ କାଳର।

ତା' ପରେ ହେଲା ଇନ୍ଦ୍ର। ଐଶ୍ୱର୍ଯ୍ୟର କାରଣ ହୋଇଥିବାରୁ ବିଜୁଳିକୁ ଇନ୍ଦ୍ର ବୋଲି କୁହାଯାଇଛି। ଅନ୍ୟତମ ଦେବତା ହେଲେ ପ୍ରଜାପତି। **'ଯଜ୍ଞଃ ପ୍ରଜାପତିରିତି' —** ଯଜ୍ଞକୁ ପ୍ରଜାପତି ବୋଲି କୁହାଯାଏ। କାରଣ ଏହା ଦ୍ୱାରା ବାୟୁ, ବୃଷ୍ଟି, ଜଳ ଓ ଔଷଧି ଆଦିର ଶୁଦ୍ଧି, ବିଦ୍ୱାନଙ୍କ ସତ୍କାର ଓ ବିବିଧ ପ୍ରକାର ଶିଳ୍ପବିଦ୍ୟା ଦ୍ୱାରା ପ୍ରଜାଙ୍କ ପାଳନ ହୋଇଥାଏ। ଏସବୁ କାରଣରୁ ଏ ତେତିଶଟିକୁ ଦେବତା ବୋଲି କୁହାଯାଏ।

**ପ୍ର.କ.—** ଆମର ଜଣେ ଦର୍ଶକ ବନ୍ଧୁ ଆମକୁ ଏ ବିଷୟରେ ପତ୍ର ମାଧ୍ୟମରେ କିଛି ପ୍ରଶ୍ନ ପଚାରିଛନ୍ତି। ସେ ପଚାରିଛନ୍ତି ଯେ ହିନ୍ଦୁ ଧର୍ମର ବ୍ରହ୍ମା, ବିଷ୍ଣୁ, ଶିବ ଆଦି ୩୩ କୋଟି ଦେବତା ଏବଂ ଖ୍ରୀଷ୍ଟ, ଇସ୍‌ଲାମ୍, ବୌଦ୍ଧ, ଜୈନ, ଶିଖ୍ ଆଦି ଧର୍ମର ଭଗବାନମାନେ ଏକ ଅଟନ୍ତି ନା ଭାଇ-ଭାଇ ଅଟନ୍ତି ନା କାହା ସହ କାହାର କିଛି ସମ୍ପର୍କ ନାହିଁ ? ଈଶ୍ୱର, ଆଲ୍ଲା, ମହମ୍ମଦ, ଯୀଶୁ, ଗୌତମବୁଦ୍ଧ, ମହାବୀର ପ୍ରଭୃତି ଏକ ପରମେଶ୍ୱର ହିଁ କି ? ଆଉ ଯଦି ସବୁ ଭଗବାନ ଏକ କିମ୍ବା ଭାଇ-ଭାଇ ତେବେ ସେମାନଙ୍କ ଅନୁଗାମୀମାନେ 'ମୋ ଭଗବାନ ବଡ଼, ତୁମ ଭଗବାନ ସାନ' କହି ଝଗଡ଼ା-ଝାଟି କରୁଛନ୍ତି କାହିଁକି ?

**ସ୍ୱାମୀଜୀ —** ଏଇଠି ଅନେକ ପ୍ରଶ୍ନ ପଚରାଯାଇଛି। ଆମେ ଗୋଟିଏ-ଗୋଟିଏ କରି ପ୍ରଶ୍ନର ଆଲୋଚନା କରିବା। ପୂର୍ବରୁ ମୁଁ କହିସାରିଛି ଯେ ପରମେଶ୍ୱର ଏକ ହିଁ ଅଟନ୍ତି। ବେଦ ଓ ବୈଦିକ ସାହିତ୍ୟରେ ସେହି ଏକ ପରମେଶ୍ୱରଙ୍କୁ ହିଁ ବ୍ରହ୍ମା, ବିଷ୍ଣୁ, ଶିବ, ଶଙ୍କର, ମହାଦେବ, ରୁଦ୍ର, ଗଣେଶ, ଦେବୀ, ଲକ୍ଷ୍ମୀ, ସରସ୍ୱତୀ, ଇନ୍ଦ୍ର, ମିତ୍ର, ବରୁଣ, ଅଗ୍ନି, ଯମ ଆଦି ନାମରେ ଭିନ୍ନ-ଭିନ୍ନ ଗୁଣ-କର୍ମ-ସ୍ୱଭାବ ଆଧାରରେ କୁହାଯାଇଛି। ଭଗବାନ ମଣିଷକୁ ମଣିଷ ରୂପେ ତିଆରି କରିଛନ୍ତି। ହିନ୍ଦୁ, ଖ୍ରୀଷ୍ଟିଆନ୍, ମୁସଲମାନ, ବୌଦ୍ଧ, ଜୈନ, ଶିଖ୍ ଆଦି ରୂପେ ତିଆରି କରିନାହାନ୍ତି। ହିନ୍ଦୁକୁ ଲାଞ୍ଜ ଦେଇନାହାନ୍ତି, ଖ୍ରୀଷ୍ଟିଆନ୍‌କୁ ଡେଣା ଦେଇନାହାନ୍ତି, ମୁସଲମାନକୁ ଶିଙ୍ଗ ଦେଇନାହାନ୍ତି, ବୌଦ୍ଧକୁ ଖୁରା ଦେଇନାହାନ୍ତି କି ଜୈନକୁ ସରୀସୃପ ଭଳି କରିନାହାନ୍ତି ଯେ ଆମେ ଆକୃତିରୁ ଜାଣିପାରିବା ଇଏ ହିନ୍ଦୁ କି ସିଏ ମୁସଲମାନ କି ଖ୍ରୀଷ୍ଟିଆନ୍ ଆଦି। କୌଣସି ମଣିଷ ଶିଶୁର ଜନ୍ମ ସମୟରୁ ତା'ର କୌଣସି ସ୍ଥାନରେ ହିନ୍ଦୁ-ମୁସଲମାନ ଆଦି ମୁଦ୍ରିତ କରି ବି ଜନ୍ମ ଦେଇନାହାନ୍ତି। ତା' ଛଡ଼ା ହିନ୍ଦୁ ତିଆରି ପାଇଁ ଅଲଗା କାରଖାନା, ଖ୍ରୀଷ୍ଟିଆନ୍ ତିଆରି ପାଇଁ ଅଲଗା କାରଖାନା ଆଦି ବି ଭଗବାନ କରିନାହାନ୍ତି। ଆମକୁ ଯେଉଁ ବିଚାର ଭଲ ଲାଗିଛି ଆମେ ସେ ମତକୁ ଆପଣେଇଛେ ଅଥବା ଆମେ ଯେଉଁ ସମାଜରେ ଜନ୍ମଗ୍ରହଣ କରିଛେ ସେ ସମାଜରେ ଯେଉଁ ମତର ପ୍ରଚଳନ ଅଛି ତାକୁ ଗ୍ରହଣ କରିନେଇଛେ କିମ୍ବା କୌଣସି କ୍ଷେତ୍ରରେ ଆମର ଅଜ୍ଞତା, ଅସହାୟତା ଆଦିର ସୁଯୋଗରେ ଧୂର୍ତ୍ତତା, ଚତୁରତା, ବଳପ୍ରୟୋଗ ଆଦି ଯୋଗେ ଆମକୁ କୌଣସି ମତରେ ପୂରାଇ ଦିଆଯାଇଛି। ଆମେ ମଣିଷକୁ ବିଭିନ୍ନ ଧର୍ମ ମତରେ ବାଣ୍ଟିବା ଭଳି ଭଗବାନଙ୍କୁ ମଧ୍ୟ ଭିନ୍ନ-ଭିନ୍ନ ଧର୍ମରେ ବାଣ୍ଟିବାର ଅପପ୍ରୟାସ କରିଛେ। ଧର୍ମ ଆଧାରରେ ଭିନ୍ନ-ଭିନ୍ନ ଭଗବାନ ସୃଜନ କରିଛେ, ତାଙ୍କ ଗୁଣ-କର୍ମ-ସ୍ୱଭାବକୁ ଆମ ଇଚ୍ଛାର ଅନୁକୂଳ ଉପସ୍ଥାପନ ପାଇଁ ଯତ୍ନ କରିଛେ। ଆମେ ବାଣ୍ଟିଲେ ଭଗବାନ ବାଣ୍ଟି ହୋଇଯାଆନ୍ତି ନାହିଁ କି ଆମ କଳ୍ପନା ଆଧାରରେ ପରମାତ୍ମାଙ୍କ ଯଥାର୍ଥ ସ୍ୱରୂପରେ କୌଣସି ପରିବର୍ତ୍ତନ ହୁଏ ନାହିଁ।

ସନାତନ ବୈଦିକ ଧର୍ମରେ ବେଦ-ଦର୍ଶନ-ଉପନିଷଦ ଆଦି ବୈଦିକ ବାଙ୍ମୟରେ ଈଶ୍ୱରଙ୍କୁ ଏକ ଓ ଅଦ୍ୱିତୀୟ ବୋଲି କୁହାଯାଇଛି। ସେ ସର୍ବଜ୍ଞ, ସର୍ବବ୍ୟାପକ ଓ ସର୍ବଶକ୍ତିମାନ୍। ଗୁଣ-କର୍ମ-ସ୍ୱଭାବ ଆଧାରରେ ତାଙ୍କର ବ୍ରହ୍ମା, ବିଷ୍ଣୁ, ଶିବ ଆଦି ଅସଂଖ୍ୟ ନାମ ଅଛି। କିନ୍ତୁ ବିଭିନ୍ନ ପୁରାଣମାନଙ୍କରେ ଯେଉଁ ବ୍ରହ୍ମା, ବିଷ୍ଣୁ, ଶିବ, ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, ଦେବୀ, ଇନ୍ଦ୍ର, ଯମ, ସୂର୍ଯ୍ୟ, ଶନି ଆଦିଙ୍କ କଥା କୁହାଯାଇଛି ସେମାନଙ୍କ ମଧ୍ୟରୁ କିଏ ବଡ଼,

କିଏ ସାନ, କିଏ କାହା ଭିତରେ, କିଏ କାହା ଉପରେ, କିଏ କାହା ତଳେ, କିଏ ସ୍ୱାମୀ, କିଏ ଦାସ, କାହା ଶକ୍ତି ଅଧିକ, କାହା ଶକ୍ତି କମ୍ ଇତ୍ୟାଦି ବିଷୟରେ କୌଣସି ନିଶ୍ଚିତ ନିର୍ଣ୍ଣୟରେ ପହଞ୍ଚିପାରିବା ସମ୍ଭବ ନୁହେଁ। କାରଣ ପ୍ରତ୍ୟେକ ପୁରାଣ ସ୍ୱ ନାୟକ ଦେବତାଙ୍କୁ ସର୍ବଶ୍ରେଷ୍ଠ ବୋଲି ପ୍ରତିପାଦିତ କରୁଛି। ଏମାନଙ୍କ ଗୁଣ-କର୍ମ-ସ୍ୱଭାବ ପୁରାଣମାନଙ୍କରେ ଯାହା ବର୍ଣ୍ଣିତ ହୋଇଛି ଯେ ଏମାନେ ଛଳ, କପଟ, କାମ, କ୍ରୋଧ, ଈର୍ଷା, ଦ୍ୱେଷ, ମିଥ୍ୟାଭାଷଣ, ପକ୍ଷପାତ, ଦୁରାଗ୍ରହ, ଅସଂଯମ, ଲମ୍ପଟତା, ପରଶ୍ରୀକାତରତା, ଅପରିଣାମଦର୍ଶିତ ଇତ୍ୟାଦି ବହୁ ଦୁର୍ଗୁଣରେ ବିଭୂଷିତ। ଏମାନଙ୍କ ଜ୍ଞାନ ଓ ସାମର୍ଥ୍ୟ ମଧ୍ୟ ସୀମିତ । ଏମାନେ ଅନେକ କାର୍ଯ୍ୟ ପାଇଁ ଅନେକଙ୍କ ଉପରେ ଆଶ୍ରିତ ରହିଥାନ୍ତି ବୋଲି ପୁରାଣମାନଙ୍କରେ ବର୍ଣ୍ଣିତ। ତେଣୁ ଗୁଣ-କର୍ମ-ସ୍ୱଭାବକୁ ବିଚାରକୁ ନେଲେ ଏମାନଙ୍କ କାହାରି ଗୁଣ-କର୍ମ ପରମାତ୍ମାଙ୍କ ଗୁଣ-କର୍ମ ସହ ମେଳ ଖାଉନାହିଁ। ଏଣୁ ଏମାନଙ୍କୁ କାହାରିକୁ ପରମେଶ୍ୱର କୁହାଯାଇପାରିବ ନାହିଁ। ଏମାନେ ସମସ୍ତେ ଏକ ନୁହଁନ୍ତି ଓ ଭାଇ-ଭାଇ ବି ନୁହନ୍ତି ତଥା ପାରସ୍ପରିକ ସଦ୍‌ଭାବ ବି ଏମାନଙ୍କ ମଧ୍ୟରେ କମ୍ ବୋଲି ପୁରାଣ ଗୁଡ଼ିକରେ ବର୍ଣ୍ଣିତ ଏମାନଙ୍କ ଅହଙ୍କାର, ଧୂର୍ତ୍ତତା ପ୍ରଦର୍ଶନ ଓ ପାରସ୍ପରିକ ସଂଘର୍ଷ, କଳିଗୋଳ, ଝଗଡ଼ା-ଝାଟି, ମାରପିଟ୍‌ରୁ ଜଣାଯାଏ। ଖ୍ରୀଷ୍ଟମତରେ ଯାହାଙ୍କୁ ପରମେଶ୍ୱର ବୋଲି କୁହାଯାଇଛି ସେ ସର୍ବବ୍ୟାପକ କି ସର୍ବଜ୍ଞ କି ସର୍ବଶକ୍ତିମାନ୍ ନୁହନ୍ତି। ସେ ଚତୁର୍ଥ ଆକାଶରେ ରହନ୍ତି। ମଣିଷକୁ ଉତ୍ପନ୍ନ କଲାବେଳେ ସେ ଜାଣିନଥାନ୍ତି କି ମଣିଷ କି-କି କର୍ମ କରିପାରେ। ତେଣୁ ସେ ପରେ ପଶ୍ଚାତ୍ତାପ ବି କରନ୍ତି। ଯଥାର୍ଥରେ ପରମେଶ୍ୱରଙ୍କ ଗୁଣ ଏହାଙ୍କ ପାଖରେ ନାହିଁ। ଆଲ୍ଲାଙ୍କ ସ୍ୱରୂପ ବିଷୟରେ ଯାହା କୁହାଯାଏ ତାହା ବି ବେଦୋକ୍ତ ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବ ସହ ମିଳେ ନାହିଁ।

ଲୋକେ ଗଭୀରତାପୂର୍ବକ ବିଚାର ନ କରି ଈଶ୍ୱର, ଆଲ୍ଲା, ବୁଦ୍ଧ, ଯୀଶୁ ଆଦି ନାମ ଭିନ୍ନ; କିନ୍ତୁ ଏସବୁ ଏକ ଈଶ୍ୱର ବୋଲି କହିଥାନ୍ତି। କୌଣସି ପଦାର୍ଥର ନାମ ଭିନ୍ନ ହେଲେ ବି ଯଦି ସେ ଭିନ୍ନ-ଭିନ୍ନ ନାମରେ କୁହାଯାଇଥିବା ପଦାର୍ଥର ସ୍ୱରୂପ ମେଳ ଖାଉଛି ତେବେ ବୁଝିବା ଉଚିତ ଯେ ଭିନ୍ନ-ଭିନ୍ନ ନାମରେ ଏକ ପଦାର୍ଥ ବିଷୟରେ କୁହାଯାଉଛି। କିନ୍ତୁ ଭିନ୍ନ-ଭିନ୍ନ ନାମରେ କୁହାଯାଉଥିବା ପଦାର୍ଥଗୁଡ଼ିକର ସ୍ୱରୂପ ଯଦି ଭିନ୍ନ-ଭିନ୍ନ ତେବେ ତାହା ଏକ ବସ୍ତୁ ବୋଲି କିପରି ସ୍ୱୀକାର କରାଯାଇପାରିବ ? ତାହା ନିଶ୍ଚିତ ରୂପେ ଭିନ୍ନ-ଭିନ୍ନ ବସ୍ତୁ। ଆମେ ପାଣିକୁ ଜଳ, ଅମ୍ବୁ, ନୀର, ବାରି ବୋଲି କହିପାରିବା। ଏହାକୁ ଇଂରାଜୀରେ ‘Water’ ଓ ତେଲୁଗୁରେ ‘ନୀଲୁ’ ବୋଲି ବି କହିପାରିବା। ଅନ୍ୟାନ୍ୟ ଭାଷାରେ ଏହା ପାଇଁ ଅନ୍ୟ ନାମ ବି ଥାଇପାରେ। କିନ୍ତୁ ଏ ସବୁ ଶବ୍ଦରେ ଏକ ପାନୀୟ ତରଳ ପଦାର୍ଥ ‘ପାଣି’ ବିଷୟରେ କୁହାଯାଇଛି ଯେହେତୁ କି ଏସବୁ ଶବ୍ଦରେ ବର୍ଣ୍ଣିତ ପଦାର୍ଥର ଲକ୍ଷଣ ଏକ। କିନ୍ତୁ ଚୌକି, ଟେବୁଲ, କୋଦାଳ, କାଗଜ, ପନିକି ଆଦି ଶବ୍ଦରେ ଆମେ ଏକା ଜିନିଷକୁ କହୁଛେ କି ? **ପ୍ର.କ.—** ନା। ଅଲଗା-ଅଲଗା ଜିନିଷ ବିଷୟରେ କହୁଛେ। **ସ୍ୱାମୀଜୀ —** କେମିତି ଜାଣିଲେ ? **ପ୍ର.କ.—** ଯେହେତୁ କି ଏସବୁ ଶବ୍ଦରେ କୁହାଯାଇଥିବା ପଦାର୍ଥର ସ୍ୱରୂପ ଅଲଗା।

**ସ୍ୱାମୀଜୀ —** ଠିକ୍ ସେହିପରି ଈଶ୍ୱର, ଆଲ୍ଲା, ଗଡ୍ ଆଦି ଏକ ନୁହନ୍ତି। ଯେହେତୁ କି ତତ୍-ତତ୍ ପୁସ୍ତକରେ ବର୍ଣ୍ଣିତ ଏମାନଙ୍କ ଗୁଣ-କର୍ମ-ସ୍ୱଭାବ ଏକା ନୁହେଁ।

ଆଉ ଗୋଟିଏ କଥା ହେଲା ଯେ ମହମ୍ମଦ, ଯୀଶୁ, ଗୌତମ ବୁଦ୍ଧ, ମହାବୀର ଆଦି ପରମେଶ୍ୱର ନୁହନ୍ତି। ବାଇବେଲ୍‌ରେ ଯୀଶୁଙ୍କୁ ପରମେଶ୍ୱରଙ୍କ ପୁତ୍ର ବୋଲି କୁହାଯାଇଛି, ପରମେଶ୍ୱର ବୋଲି କୁହାଯାଇନି। କୋରାନ୍‌ରେ ମହମ୍ମଦଙ୍କୁ ପୈଗମ୍ବର ବୋଲି କୁହାଯାଇଛି। ‘ପୈଗାମ୍’ ଶବ୍ଦର ଅର୍ଥ ହେଲା ସନ୍ଦେଶ। ତେଣୁ ‘ପୈଗମ୍ବର’ ଶବ୍ଦର ଅର୍ଥ ହେଲା ସନ୍ଦେଶବାହକ ବା ଦୂତ। ଏ ଦୃଷ୍ଟିରୁ ମହମ୍ମଦ ପରମେଶ୍ୱର ନୁହନ୍ତି, କୋରନ୍ ଅନୁସାରେ ଅନୁସାରେ ସେ ଈଶ୍ୱରଙ୍କ ଦୂତ। ଆଲ୍ଲାଙ୍କ ସନ୍ଦେଶ ସେ ସମାଜକୁ ଦେଲେ, ସମାଜରେ ପ୍ରଚାରିତ କଲେ। ଗୌତମ ବୁଦ୍ଧ ନିଜକୁ ପରମେଶ୍ୱର ବୋଲି କହିନାହାନ୍ତି। ସେ ତ ନିଜର ଅନେକ ପୂର୍ବ ଜନ୍ମ କଥା କହିଛନ୍ତି। ତାଙ୍କ ବିଚାରରେ ଜୀବାତ୍ମା ଜନ୍ମ-ଜନ୍ମର ତପସ୍ୟା ପ୍ରଭାବରେ ବୁଦ୍ଧତ୍ୱକୁ ପ୍ରାପ୍ତ

କରେ। ବୁଦ୍ଧତ୍ୱ ଆତ୍ମାର ଏକ ଚରମୋତ୍କର୍ଷ ସ୍ଥିତି। ଗୌତମ ବୁଦ୍ଧ ଜଣେ ମହାପୁରୁଷ। ମହାବୀର ତୀର୍ଥଙ୍କର ଥିଲେ। ଜୈନ ମତରେ ୨୪ ଜଣ ତୀର୍ଥଙ୍କରଙ୍କ କଥା କୁହାଯାଇଛି। ମହାବୀର ପରମେଶ୍ୱର ନୁହନ୍ତି, ମହାପୁରୁଷ।

**ପ୍ର.କ.—** ଏ ଯେଉଁ ବିଭିନ୍ନ ଧର୍ମ ମତର ଅନୁଗାମୀଙ୍କ ଝଗଡ଼ା ଯେ- ଏ ଭଗବାନ ବଡ଼, ସେ ଭଗବାନ ସାନ। ଏସବୁ କାହିଁକି ହେଉଛି ?

**ସ୍ୱାମୀଜୀ —** ଏହାର ମୁଖ୍ୟ କାରଣ ହେଲା ଅଜ୍ଞାନ ଓ ସ୍ୱାର୍ଥ। ଯେଉଁମାନେ ଅମୁକ ଭଗବାନ ବଡ଼ ଓ ଅମୁକ ଭଗବାନ ସାନ ବୋଲି କହୁଛନ୍ତି ସେମାନେ ଭଗବାନଙ୍କ ବିଷୟରେ ଯଥାର୍ଥତଃ କିଛି ବି ଜାଣନ୍ତି ନାହିଁ। ପ୍ରଥମ କଥା ତ ହେଲା ଯେ ସାରା ସଂସାରର ଜଣେ ହିଁ ପରମେଶ୍ୱର ଅଟନ୍ତି । ଏକାଧିକ ପରମେଶ୍ୱର ନାହାନ୍ତି କି ଆବଶ୍ୟକତା ବି ନାହିଁ। ଭଗବାନ କାହାକୁ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍ ଆଦି କରି ଜନ୍ମ ଦେଇନାହାନ୍ତି, ସମସ୍ତଙ୍କୁ ମନୁଷ୍ୟ ରୂପେ ଜନ୍ମ ଦେଇଛନ୍ତି। ଭଗବାନ ହିନ୍ଦୁ-ମୁସଲମାନ-ଖ୍ରୀଷ୍ଟୀୟାନ ଆଧାରରେ ପୃଥିବୀକୁ ବାଣ୍ଟିନାହାନ୍ତି କି ପାଣି, ପବନ, ସୂର୍ଯ୍ୟ, ଚନ୍ଦ୍ର ଆଦିକୁ ଅଲଗା-ଅଲଗା ଦେଇନାହାନ୍ତି। ଆମେ ସବୁ ପରିସୀମା ନିର୍ଦ୍ଧାରଣ କରିଛେ। ଏ ସାନ-ବଡ଼ ଭଗବାନ ଆମ କଳ୍ପନା। ବାସ୍ତବିକ ପରମେଶ୍ୱରଙ୍କ ସହ ଏମାନଙ୍କର କିଛି ସମ୍ପର୍କ ନାହିଁ। ଯେହେତୁ ପରମାତ୍ମା ବସ୍ତୁତଃ ଜଣେ, ତେଣୁ ସାନ କିଏ ଓ ବଡ଼ କିଏ ?

**ପ୍ର.କ.—** ଆମେ ଯେଉଁ ଗାଉ 'ରଘୁପତି ରାଘବ ରାଜା ରାମ। ପତିତପାବନ ସୀତାରାମ ॥ ଈଶ୍ୱର, ଆଲ୍ଲା ତେରେ ନାମ। ସବ୍ କୋ ସନ୍‌ମତି ଦେ ଭଗବାନ୍ ॥' ଏଇଠି ତ ଆମେ ରଘୁପତି ରାମ, ଈଶ୍ୱର, ଆଲ୍ଲା ସବୁ ସେହି ପରମେଶ୍ୱରଙ୍କ ନାମ ବୋଲି କହୁ।

**ସ୍ୱାମୀଜୀ —** ବ୍ୟକ୍ତି କ'ଣ କହିବ ତାହା ଏକ ଭିନ୍ନ ବିଷୟ ଓ ବ୍ୟକ୍ତି କହିବା ଅନୁସାରେ ବାସ୍ତବିକତା ଥିବ କି ନାହିଁ ତାହା ଏକ ଭିନ୍ନ ବିଷୟ। ସଂସାରରେ ଯିଏ ଯାହା କହନ୍ତି ସବୁ ଠିକ୍ ହେବ ସେମିତି କିଛି ନିୟମ ନାହିଁ। ସଂସାରରେ ଗୋଟିଏ-ଗୋଟିଏ ବିଷୟରେ ବହୁ ଲୋକ ବହୁ ପ୍ରକାର କଥା କହନ୍ତି। ସେ ଭିତରୁ ବହୁତ ପରସ୍ପର ବିରୋଧୀ ବି ଥାଏ, ବହୁ କଥାର ବାସ୍ତବିକତା ସହ ସମ୍ପର୍କ ବି ନଥାଏ। ଅତଃ କୌଣସି ବିଷୟ ସମ୍ବନ୍ଧୀୟ ନିର୍ଣ୍ଣୟ ବସ୍ତୁର ସ୍ୱରୂପ ଆଧାରରେ ହୁଏ। ଏଣୁ ଆମେ ଯାହା ଗାଉଛେ ତା'ର ସ୍ୱରୂପ ଉପରେ ବିଚାର କରି ନିଷ୍କର୍ଷରେ ପହଂଚିବା ଯେ ଯଥାର୍ଥ କ'ଣ ? ରାମ ରଘୁକୁଳରେ ଜନ୍ମ ହୋଇଥିଲେ। ତେଣୁ ତାଙ୍କ ଗୁଣ-କର୍ମ ଆଧାରରେ ତାଙ୍କୁ ରଘୁପତି ଓ ରାଘବ ଆଦି କୁହାଗଲା। ପରମେଶ୍ୱର ଅଜନ୍ମା, ଜନ୍ମଗ୍ରହଣ କରନ୍ତି ନାହିଁ। ଆଲ୍ଲା ବି ଜନ୍ମଗ୍ରହଣ କରିବା କଥା କୋରାନ୍‌ରେ ଲେଖା ନାହିଁ। ଦ୍ୱିତୀୟରେ, ରାମ ଏକ ସମୟରେ ଏକ ସ୍ଥାନରେ ରହୁଥିଲେ, ସର୍ବତ୍ର ବ୍ୟାପକ ନଥିଲେ। ଅଯୋଧ୍ୟାରେ ଥିବା ସମୟରେ ଅଯୋଧ୍ୟା ବାହାରେ ତାଙ୍କ ସତ୍ତା ନଥିଲା, ବାହାରେ ଥିବା ସମୟରେ ଅଯୋଧ୍ୟାରେ ସେ ବିଦ୍ୟମାନ ନଥିଲେ। ତେଣୁ ହିଁ ସେ ବନଗମନ କରିପାରିଲେ, ୧୪ ବର୍ଷ ଧରି ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ରହିଥିଲେ, ୧୪ ବର୍ଷ ଶେଷରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କଲେ। ସର୍ବବ୍ୟାପକ ହୋଇଥିଲେ ସେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇପାରିନଥାନ୍ତେ କି ପ୍ରତ୍ୟାବର୍ତ୍ତନ କରିପାରିନଥାନ୍ତେ। କାରଣ ଯିଏ ସବୁ ସମୟରେ ସବୁଠି ରହିବ ସିଏ କୌଣସି ସ୍ଥାନକୁ ଆଉ ଗତି କରିବ କେମିତି ? ଈଶ୍ୱର ତ ସର୍ବବ୍ୟାପକ, ସବୁ ସମୟରେ ସବୁଠି ରହନ୍ତି। ଆଲ୍ଲା ସର୍ବବ୍ୟାପକ ନୁହନ୍ତି। ସେ ବସିଥିବା ଆସନକୁ ଦେବଦୂତ (ଫରିସ୍ତା)ମାନେ ଧରିଛନ୍ତି ବୋଲି କୁହାଯାଇଛି। ତୃତୀୟରେ, ରାମ ସର୍ବଜ୍ଞ ନଥିଲେ। ତେଣୁ ସୀତାଙ୍କୁ କିଏ ଅପହରଣ କରି କେଉଁଠିକି ନେଇଛି ତା'ର ଅନୁସନ୍ଧାନ କରିବାକୁ ପଡ଼ିଲା। ଈଶ୍ୱର ସର୍ବଜ୍ଞ, ନିଜେ ସବୁ ଜାଣନ୍ତି। କୌଣସି କଥା ଜାଣିବା ପାଇଁ କାହା ଉପରେ ନିର୍ଭରଶୀଳ ନୁହନ୍ତି। କୟାମତ୍ (ନ୍ୟାୟ ଦିବସରେ) କିଏ କ'ଣ କରିଛନ୍ତି, କାହାକୁ ଜନ୍ନତ୍ କି ଦୋଜଖ୍ (ସ୍ୱର୍ଗ କି ନର୍କ)କୁ ପଠାଯିବ ତା' ପାଇଁ ଆଲ୍ଲା ମହମ୍ମଦଙ୍କ ସହାୟତା ନିଅନ୍ତି ବୋଲି କୁହାଯାଇଛି। ଏଣୁ ଗୁଣ-କର୍ମ-ସ୍ୱଭାବରୁ ଜଣାପଡୁଛି ଯେ ଈଶ୍ୱର, ଆଲ୍ଲା, ରାମ ଏ ତିନି ହେଁ ଅଲଗା-ଅଲଗା ସତ୍ତା।

**ପ୍ର.କ.—** ଧର୍ମମତଗତ ଈଶ୍ୱର ସମ୍ବନ୍ଧୀୟ ଏସବୁ

ପାର୍ଥକ୍ୟ କେବେଠୁ ଆରମ୍ଭ ହେଲାଣି ?

**ସ୍ୱାମୀଜୀ —** ଯେଉଁ ଧାର୍ମିକ ମତ, ବିଚାର ଯେବେଠୁ ଆରମ୍ଭ ହୋଇଛି, ସେ ମତର ପ୍ରତିପାଦିତ ଈଶ୍ୱରଙ୍କ ବିଷୟ ସେବେଠୁ ସଂସାରରେ ପ୍ରଚଳିତ ହୋଇଛି । ସୃଷ୍ଟି ଆରମ୍ଭରେ ମଣିଷଟି ମଣିଷ ରୂପେ ଥିଲା, ହିନ୍ଦୁ-ମୁସଲମାନ ଆଦି ହୋଇନଥିଲା । ତା'ର ଧର୍ମ ବି ମାନବ ଧର୍ମ ରୂପେ ଥିଲା ।

**ପ୍ର.କ.—** ଅନ୍ତିମରେ ସରଳରେ ଆମକୁ ବୁଝାଇ ଦିଅନ୍ତୁ ସବୁ ଜାତି, ସବୁ ଧର୍ମ, ସବୁ ମାନବ - ସମସ୍ତଙ୍କ ପାଇଁ ପରମେଶ୍ୱର କିଏ ?

**ସ୍ୱାମୀଜୀ —** ମୁଁ ପୂର୍ବରୁ କହିଛି ଯେ ପରମ ମାନେ ସର୍ବଶ୍ରେଷ୍ଠ, ଈଶ୍ୱର ଅର୍ଥ ସ୍ୱାମୀ, ମାଲିକ । ଯିଏ ଏ ସାରା ସଂସାରର ସ୍ୱାମୀ, ଦୁନିଆର ମାଲିକ ସିଏ ପରମେଶ୍ୱର । ତାଙ୍କର ମୁଖ୍ୟତଃ ୫ଟି କାମ । ପ୍ରଥମ ହେଲା ଏ ସାରା ସଂସାରକୁ ତିଆରି କରିବା । ଅତଃ ଯିଏ ଏ ସାରା ସଂସାରକୁ ତିଆରି କରିଛନ୍ତି; ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ପାଣି, ପବନ, ପାହାଡ଼, ପର୍ବତ, ସମୁଦ୍ର, ନଦୀ, ଝରଣା, ଗଛ-ଲତା, ଫଳ-ଫୁଲ ସବୁ ତିଆରି କରିଛନ୍ତି; ଅସଂଖ୍ୟ ପ୍ରକାର ଜୀବଜନ୍ତୁ ସୃଜନ କରିଛନ୍ତି ସିଏ ହେଲେ ପରମେଶ୍ୱର । ଏଇଠି ଆଉ ଗୋଟିଏ କଥା ମନେରଖିବା ଆବଶ୍ୟକ ଯେ ପରମେଶ୍ୱର ଆମକୁ ତିଆରି କରିଛନ୍ତି, ଆମେ ଭଗବାନଙ୍କୁ ତିଆରି କରିପାରିବା ନାହିଁ । ଅତଃ କୌଣସି ନିର୍ମିତ ପଦାର୍ଥ (ମୂର୍ତ୍ତି, ପ୍ରତିକୃତି, ପ୍ରତିମା ଆଦି) କେବେ ବି ପରମେଶ୍ୱର ନୁହନ୍ତି ।

ଦ୍ୱିତୀୟତଃ, ପରମାତ୍ମା ସମସ୍ତଙ୍କୁ ପାଳନ କରନ୍ତି । ପିମ୍ପୁଡ଼ିଠାରୁ ଆରମ୍ଭ କରି ବିରାଟ ତିମି ମାଛ ପର୍ଯ୍ୟନ୍ତ କିଏ କ'ଣ ଖାଇବ, କେମିତି ବଞ୍ଚିବ ସେସବୁର ବ୍ୟବସ୍ଥା କରିଛନ୍ତି । ଖାଇବା-ବଞ୍ଚିବା ପାଇଁ ପ୍ରତ୍ୟେକ ପ୍ରାଣୀକୁ ଯେତିକି ଜ୍ଞାନ ଦରକାର ସେତିକି ଦେଇଛନ୍ତି । ମଣିଷ ଜୀବନର ଲକ୍ଷ୍ୟ ଯେହେତୁ କେବଳ ଖାଇବା-ବଞ୍ଚିବା ନୁହେଁ, ଆତ୍ମାର ଉତ୍କର୍ଷ ସାଧନ ବି ଏହାର ପ୍ରମୁଖ ଲକ୍ଷ୍ୟ, ତେଣୁ ଆତ୍ମାର ବିଶେଷ ପ୍ରଗତିସାଧନ ପାଇଁ ମଣିଷ ଶରୀରରେ ବୁଦ୍ଧିର ବିକାଶ କରିଛନ୍ତି ।

ତୃତୀୟରେ, ଏ ସଂସାର ଯେତେବେଳେ ପ୍ରାଣୀମାନଙ୍କର ଭୋଗର ଯୋଗ୍ୟ ହୋଇ ରହେ ନାହିଁ, ଜୀବାତ୍ମାର ଭୋଗ-ଅପବର୍ଗର ଯୋଗ୍ୟ ହୋଇ ରହେ ନାହିଁ ସେତେବେଳେ ସେ ଏହାକୁ ପ୍ରଳୟ କରିଦିଅନ୍ତି ।

ଚତୁର୍ଥରେ, ମଣିଷ ଧର୍ମ-ଅଧର୍ମ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ଭଲ-ମନ୍ଦ, ଠିକ୍-ଭୁଲ୍, ଉଚିତ-ଅନୁଚିତ ଜାଣିବା ପାଇଁ ସୃଷ୍ଟି ପ୍ରାରମ୍ଭରେ ସେ ବେଦର ଜ୍ଞାନ ଦିଅନ୍ତି । ତା' ଛଡ଼ା ଆମେ ଯେତେବେଳେ କୌଣସି କାର୍ଯ୍ୟ କରିବାକୁ ଯାଉ ସେ କାମ ଭଲ ହୋଇଥିଲେ ଆମ ଆତ୍ମାରେ ଆନନ୍ଦ, ଉତ୍ସାହ, ନିର୍ଭୀକତା, ନିଃଶଙ୍କତା ଜାଗ୍ରତ କରି ପ୍ରେରିତ କରନ୍ତି ଏବଂ ଭୁଲ୍ କାମ କରିବାକୁ ଗଲା ବେଳେ ଆତ୍ମାରେ ଭୟ, ଶଙ୍କା ଓ ଲଜ୍ଜାର ସଂଚାର କରି ସେଥିରୁ ନିବୃତ୍ତ ହେବାକୁ ପ୍ରେରିତ କରନ୍ତି ।

ପଞ୍ଚମରେ, ସମସ୍ତଙ୍କ ସବୁ କର୍ମର ହିସାବ ରଖନ୍ତି । ସେ ନ୍ୟାୟକାରୀ ଅଟନ୍ତି । ଆମ କର୍ମ ଅନୁସାରେ ଆମକୁ ଇହଜନ୍ମ ଓ ପରଜନ୍ମରେ କର୍ମଫଳ ଦିଅନ୍ତି । କାହାରି ପାପ କର୍ମର ଫଳ ନ ଦେଇ କେବେ ଛାଡ଼, ରିହାତି କରିବା ତାଙ୍କ ବ୍ୟବସ୍ଥାରେ ନାହିଁ । କର୍ମଫଳ ଆଧାରରେ ଶରୀର ଓ ସୁଖ-ଦୁଃଖ ଆଦିର ସାଧନ ଆଦି ଦିଅନ୍ତି ।

ଅତଏବ ଯିଏ ସୃଷ୍ଟିର ଉତ୍ପତ୍ତି-ପାଳନ-ପ୍ରଳୟ କରନ୍ତି, ସୃଷ୍ଟି ଆରମ୍ଭରେ ବେଦ ଜ୍ଞାନ ଦିଅନ୍ତି, କର୍ମଫଳ ପ୍ରଦାନ କରନ୍ତି ସିଏ ହିଁ ପରମେଶ୍ୱର ଅଟନ୍ତି । ସାରା ସଂସାରର ଏସବୁ କାର୍ଯ୍ୟ କୌଣସି ଏକ ସ୍ଥାନରେ ରହି, ଅଳ୍ପ ଜ୍ଞାନ ଓ ଅଳ୍ପ ସାମର୍ଥ୍ୟରେ ସମ୍ଭବ ନୁହେଁ । ଏଣୁ ସେ ସର୍ବବ୍ୟାପକ, ସର୍ବଜ୍ଞ ଓ ସର୍ବଶକ୍ତିମାନ୍ ଅଟନ୍ତି । ଏକ-ଅଦ୍ୱିତୀୟ ଅଟନ୍ତି ।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ସାହୁ**

**ଗାୟତ୍ରୀ ପାଣିଗ୍ରାହୀ**

❖❖❖

# ବୈଦିକ ତ୍ରୈତବାଦ

**ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ**

ବୈଦିକ ତ୍ରୈତବାଦର ଅର୍ଥ ହେଉଛି ବେଦର ସିଦ୍ଧାନ୍ତ ଅନୁସାରେ ତିନୋଟି ପଦାର୍ଥ ଅନାଦି ଓ ଅନନ୍ତ ଅଟନ୍ତି— ୧. ବ୍ରହ୍ମ, ୨. ଜୀବ ଓ ୩. ପ୍ରକୃତି । ବ୍ରହ୍ମ ଏକ ବିଭୁ ବା ସର୍ବଦେଶୀ, ଜ୍ଞାନବାନ୍ ଓ ଶକ୍ତିମାନ୍ ସତ୍ତା ଯିଏ ଏକ, ଅଖଣ୍ଡ ଓ ଏକରସ ଅଟନ୍ତି । କୌଣସି କାଳ ଅଥବା କୌଣସି ଅବସ୍ଥାରେ ବି ସେଥିରେ କୌଣସି ପ୍ରକାରର ପରିବର୍ତ୍ତନ ହୁଏ ନାହିଁ । ତାଙ୍କର ଈଶ୍ୱର, ପରମେଶ୍ୱର, ପରମାତ୍ମା ଆଦି ଅନେକ ନାମ ରହିଛି । ଜୀବ ଏକ ପରିଚ୍ଛିନ୍ନ ଅର୍ଥାତ୍ ଏକଦେଶୀ ଓ ଚେତନ ସତ୍ତା ଅଟେ । ଏହାକୁ କର୍ତ୍ତୃତ୍ୱ-ଭୋକ୍ତୃତ୍ୱ-ଜ୍ଞାତୃତ୍ୱବାନ୍ ଅଣୁ କୁହାଯାଇପାରେ । ଜୀବ ଅନେକ ଅର୍ଥାତ୍ ସଂଖ୍ୟାରେ ଅନନ୍ତ । ଭିନ୍ନ-ଭିନ୍ନ ସମୟରେ ପରିସ୍ଥିତି ଅନୁସାରେ ଏହାର ଜ୍ଞାନର ପରିବର୍ତ୍ତନ ହୋଇଥାଏ ଅର୍ଥାତ୍ ଜୀବର ଜ୍ଞାନର ହ୍ରାସ-ବୃଦ୍ଧି ହୁଏ ଏବଂ ତଦନୁସାରେ ଏହାର ଭୋକ୍ତୃତ୍ୱ ଓ କର୍ତ୍ତୃତ୍ୱ ସାମର୍ଥ୍ୟ ବି ହ୍ରାସ-ବୃଦ୍ଧି ପାଇଥାଏ । ପରମାଣୁ, ଦେଶ ଓ କାଳ ଆଦିର ମୌଳିକ ଅବସ୍ଥାର ନାମ ପ୍ରକୃତି । ଏଗୁଡ଼ିକର ସଂଯୋଗ-ବିଯୋଗ ଆଦି ଦ୍ୱାରା ସୃଷ୍ଟିରେ ଉତ୍ପତ୍ତି ଓ ବିନାଶ ଘଟିଥାଏ । ପ୍ରକୃତି ଜଡ଼ ଅଟେ । ଏଥିରେ ନା କର୍ତ୍ତୃତ୍ୱ ଅଛି, ନା ଭୋକ୍ତୃତ୍ୱ ଅଛି, ନା ଜ୍ଞାତୃତ୍ୱ ଶକ୍ତି ରହିଛି । ଏହା ସ୍ୱୟଂ କିଛି କରିପାରେ ନାହିଁ କି ସୁଖ-ଦୁଃଖର ଅନୁଭବ ବି କରିପାରେ ନାହିଁ ଏବଂ ଏଥିରେ ଜ୍ଞାନ ମଧ ନାହିଁ । ଏହା ହେଲା ବୈଦିକ ତ୍ରୈତବାଦର ସାଧାରଣ ପରିଚୟ ।

ବୈଦିକ ସିଦ୍ଧାନ୍ତର ଏହା ଏକ ବିଶେଷତ୍ୱ ଯାହାକି ଅନ୍ୟ ଧର୍ମ(ମତ)ର ସିଦ୍ଧାନ୍ତ ଠାରୁ ଭିନ୍ନ । ପ୍ରଥମେ ଏହା ବୁଝାଇ ଦେବା ଉଚିତ ହେବ ଯେ ଏହି ଭିନ୍ନତା କେଉଁଠି ?

ପ୍ରାୟ ସମସ୍ତେ ତ ଜୀବ, ବ୍ରହ୍ମ ଓ ଜଡ଼ ଜଗତକୁ ସ୍ୱୀକାର କରନ୍ତି । ସୃଷ୍ଟିର ବର୍ତ୍ତମାନ ଅବସ୍ଥାରେ ଏହି ଭିନ୍ନତା ଏତେ ସ୍ପଷ୍ଟ ଦର୍ଶନୀୟ ଯେ କେହି ବି ଏହାର ବିରୋଧ କରିପାରିବ ନାହିଁ । ଆପଣ ଯେକୌଣସି ଧର୍ମାବଲମ୍ବୀ ଉପାସକଙ୍କୁ ଦେଖନ୍ତୁ । ସେ ନିଜର ସତ୍ତାକୁ ସ୍ୱୀକାର କରନ୍ତି, ନିଜର ଉପାସ୍ୟ ଦେବଙ୍କ ସତ୍ତାକୁ ସ୍ୱୀକାର କରନ୍ତି ଏବଂ ଏ ଦୁଇଟି ବ୍ୟତୀତ ଅନ୍ୟ ସେସବୁ ବସ୍ତୁର ଅସ୍ତିତ୍ୱକୁ ବି ସ୍ୱୀକାର କରନ୍ତି ଯାହାର ପ୍ରାପ୍ତି ପାଇଁ କିମ୍ବା ଯାହାଠାରୁ ରକ୍ଷାପାଇବା ପାଇଁ ସେ ନିଜର ଈଶ୍ୱରଙ୍କୁ ପ୍ରାର୍ଥନା କରୁଛନ୍ତି । ଏପରି ଭାବେ ତିନୋଟି ସତ୍ତା ନିରୂପିତ ହୋଇଗଲେ — ଗୋଟିଏ ଉପାସକ ଅର୍ଥାତ୍ ଜୀବ, ଦ୍ୱିତୀୟଟି ଉପାସ୍ୟ ଅର୍ଥାତ୍ ବ୍ରହ୍ମ ଏବଂ ତୃତୀୟଟି ହେଲା ସେହି ବସ୍ତୁଗୁଡ଼ିକ ଯାହାକୁ ସେ ନେବା ପାଇଁ କିମ୍ବା ଛାଡ଼ିବା ପାଇଁ ଚାହିଁଥାଏ । ଏ ପର୍ଯ୍ୟନ୍ତ କାହାର କୌଣସି ମତଭିନ୍ନତା ନାହିଁ । କିନ୍ତୁ ମତ-ପାର୍ଥକ୍ୟ ଦେଖାଯାଏ ଏ ତିନୋଟିର ସମ୍ବନ୍ଧକୁ ନେଇ ଅର୍ଥାତ୍ ଅଳ୍ପଜ୍ଞ ଜୀବ, ସର୍ବଜ୍ଞ ବ୍ରହ୍ମ ଓ ଅଜ୍ଞ ଅର୍ଥାତ୍ ସର୍ବଥା ଜ୍ଞାନ-ଶୂନ୍ୟ ଜଡ଼ ଜଗତ ମଧରେ ପାରସ୍ପରିକ ସଂପର୍କ କ'ଣ ? କ'ଣ ଏହି ତିନୋଟି ବସ୍ତୁ ଅନାଦିତଃ ଓ ଅନନ୍ତତଃ ଭିନ୍ନ ଅଟନ୍ତି ନା କୌଣସି ସମୟ ବା କୌଣସି ଅବସ୍ଥାରେ ସେମାନେ ଏକ ଥିଲେ ଏବଂ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଭିନ୍ନତା ସୃଷ୍ଟି ହେଲା ? ଏ ବିଷୟରେ ଭିନ୍ନ-ଭିନ୍ନ ଧର୍ମ(ମତ)ରେ ତିନି ପ୍ରକାର ସିଦ୍ଧାନ୍ତ ଦେଖାଯାଏ—୧. ବିବର୍ତ୍ତବାଦ, ୨. ଗୁଣ-ପରିଣାମବାଦ ଓ ୩. ଆରମ୍ଭକବାଦ ।

**୧. ବିବର୍ତ୍ତବାଦ ବା ଭ୍ରମବାଦ —** ଏହାର ସାଧାରଣ ବ୍ୟାଖ୍ୟା ଉପରେ ବିଚାର କରନ୍ତୁ ।

**ଅତାତ୍ତ୍ୱିକୋଽନ୍ୟଥା ଭାବୋ ବିବର୍ତ୍ତ ଇତ୍ୟୁଚ୍ୟତେ ।**

ଯେଉଁ ବସ୍ତୁ ନଥାଏ, କିନ୍ତୁ ଥିଲାଭଳି ପ୍ରତୀତ ହେଉଥାଏ ସେ ଜ୍ଞାନକୁ ବିବର୍ତ୍ତ କହନ୍ତି । ରଜ୍ଜୁରେ ସର୍ପ, ଶୁକ୍ତିରେ ରଜତ ଓ ମୃଗତୃଷ୍ଣାରେ ଜଳର ପ୍ରତୀତି ହେଉଛି ଏହାର ଉଦାହରଣ । ଅର୍ଥାତ୍ ଯେତେବେଳେ କେହି ଅନ୍ଧାରରେ ପଡ଼ିଥିବା ରଶିକୁ ସାପ ବୋଲି ବିଚାର କରେ ସେତେବେଳେ ବସ୍ତୁତଃ ସେଠାରେ ସାପର ଚିହ୍ନ-ବର୍ଣ୍ଣ ସୁଦ୍ଧା ନଥାଏ ; କିନ୍ତୁ ସେହି ରଶି ହିଁ ତାଙ୍କୁ ସାପ ପରି ପ୍ରତୀତ ହେଉଥାଏ । ସାପ ନାହିଁ ଅଥଚ ସାପ ପ୍ରତୀତ ହେଉଛି ଏବଂ ଆଲୁଅରେ ଦେଖିଲେ ପୁଣି ସାପର ଏଇ ପ୍ରତୀତି ରହିବ ନାହିଁ – ଏହା ହିଁ ବିବର୍ତ୍ତ । ଶାମୁକା ରୁପା ନୁହେଁ, କିନ୍ତୁ ଶାମୁକାରେ ରୁପାର ପ୍ରତୀତି ହୋଇଥାଏ ଅର୍ଥାତ୍ ଶାମୁକାକୁ ଦେଖି ଲୋକଙ୍କର ଭ୍ରମ ହୋଇଥାଏ ଯେ ଏହା ରୁପା । ଏହିପରି ମରୀଚିକା ମରୁଭୂମିର ପଥିକଙ୍କୁ ଦୂରରୁ ଜଳ ପରି ପ୍ରତୀତ ହୁଏ । ସେମାନେ ଜଳ ଅନ୍ୱେଷଣରେ ଯେତେବେଳେ ସେହି ସ୍ଥାନ ନିକଟରେ ପହଞ୍ଚିଥାନ୍ତି ସେତେବେଳେ ସେମାନେ ଜାଣିପାରନ୍ତି ଯେ ଏହା ସେମାନଙ୍କର ଭ୍ରମ ଥିଲା । ଏସବୁ ବିବର୍ତ୍ତର ଦୃଷ୍ଟାନ୍ତ । କେତେକ ଲୋକ କହନ୍ତି ଯେ ଯେପରି ରଶିକୁ ଭ୍ରମ କାରଣରୁ ଆମେ ସାପ ବୋଲି ବୁଝୁ ବା ମରୀଚିକାକୁ ଜଳ ଅଥବା ଶାମୁକାକୁ ରୁପା, ସେହିପରି ନା ଜୀବର କୌଣସି ସତ୍ତା ରହିଛି ନା ସୂର୍ଯ୍ୟ, ଚନ୍ଦ୍ର, ନଦୀ, ପାହାଡ଼, ବୃକ୍ଷ ଆଦିର କୌଣସି ଅସ୍ତିତ୍ୱ । କେବଳ ବ୍ରହ୍ମ ହିଁ ବ୍ରହ୍ମ ଅଛନ୍ତି । ଅନ୍ୟ ବସ୍ତୁମାନଙ୍କର ପ୍ରତୀତି ତ ଭ୍ରମ ଯୋଗୁଁ ହିଁ ହେଉଛି ।

**୨. ଗୁଣ–ପରିଣାମବାଦ —** କୌଣସି ବସ୍ତୁ ପରିବର୍ତ୍ତିତ ହୋଇ ଅନ୍ୟ କୌଣସି ଅବସ୍ଥାକୁ ଧାରଣ କରିବାକୁ ଗୁଣ-ପରିଣାମ କୁହାଯାଏ । ଉଦାହରଣ ସ୍ୱରୂପ ଜଳ ବରଫ ପାଲଟିଯିବା କିମ୍ବା ବରଫ ତରଳିଯାଇ ଜଳ ହେବା । ଜଳ ବରଫ ନୁହେଁ କିମ୍ବା ବରଫ ଜଳ ନୁହେଁ । କିନ୍ତୁ ଜଳ ହିଁ ପରିବର୍ତ୍ତିତ ହୋଇ ବରଫ ହୋଇଯାଏ ଏବଂ ବରଫ ହିଁ ପରିବର୍ତ୍ତିତ ହୋଇ ଜଳ ହୋଇଯାଏ । ଦ୍ୱିତୀୟ ଦୃଷ୍ଟାନ୍ତ ହେଲା ଘୃତ ଜମାଟ ବାନ୍ଧିବା ଏବଂ ତରଳିବା । ଜମାଟ ବାନ୍ଧିଥିବା ଘୃତ ଏକ ବସ୍ତୁ ଓ ତରଳିଥିବା ଘୃତ ଅନ୍ୟ ଏକ ବସ୍ତୁ । କିନ୍ତୁ ତତ୍ତ୍ୱତଃ ଉଭୟେ ଏକ । ଗୋଟିଏ ହିଁ ବସ୍ତୁ ପରିବର୍ତ୍ତିତ ହୋଇ ଅନ୍ୟ ଏକ ବସ୍ତୁ ହୋଇଯାଇଛି । ଏହାକୁ ଗୁଣ-ପରିଣାମ କୁହାଯାଏ, ଅର୍ଥାତ୍ ମୂଳତତ୍ତ୍ୱ ତ ଏକ ରହିଛି ; କିନ୍ତୁ ସେଥିରେ ପରିଣାମ ଅର୍ଥାତ ଅବସ୍ଥାରେ ପରବର୍ତ୍ତନ ହେଉଛି । ଏହିଭଳି କିଛି ଲୋକଙ୍କ କଥନ ହେଲା ଯେ ମୂଳତତ୍ତ୍ୱ ତ ହେଉଛି କେବଳ ଏକ ବ୍ରହ୍ମ । କିନ୍ତୁ ସେହି ବ୍ରହ୍ମ ସୃଷ୍ଟିର ନିମିତ୍ତ-ଉପାଦାନ-କାରଣ ଅଟନ୍ତି । ଜୀବ ତଥା ସଂସାରର ଅନ୍ୟ ସମସ୍ତ ବସ୍ତୁ ଉତ୍ପନ୍ନ ହୁଅନ୍ତି ଓ ନଷ୍ଟ ହୁଅନ୍ତି । ଏମାନେ ଅନାଦି ନୁହନ୍ତି କି ଅନନ୍ତ ନୁହନ୍ତି । ଏମାନେ ବ୍ରହ୍ମଙ୍କଠାରୁ ହିଁ ଉତ୍ପନ୍ନ ହୁଅନ୍ତି ଏବଂ ବ୍ରହ୍ମଙ୍କଠାରେ ହିଁ ବିଲୀନ ହୋଇଯାଆନ୍ତି ।

**୩. ଆରମ୍ଭକବାଦ —** ଇଟାଗୁଡ଼ିକର ସ୍ୱତନ୍ତ୍ର ସତ୍ତା ରହିଛି । ଯେତେବେଳେ ସେହି ଇଟାଗୁଡ଼ିକୁ ଯୋଡ଼ି ଦିଆଯାଏ ସେତେବେଳେ ଗୃହ ନିର୍ମାଣ ହୋଇଯାଏ । ଏହିପରି ଆରମ୍ଭକବାଦୀମାନେ କହନ୍ତି ଯେ ପରମାଣୁ ଅସଂଖ୍ୟ ଓ ଅନାଦି । ଏଗୁଡ଼ିକର ସଂଯୋଗରେ ସୃଷ୍ଟି ନିର୍ମାଣ ହୁଏ ଓ ବିଯୋଗରୁ ନଷ୍ଟ ହୋଇଥାଏ । ସୃଷ୍ଟିରେ ପ୍ରତି ମୁହୂର୍ତ୍ତରେ ସଂଯୋଗ ଓ ବିଯୋଗ ଅନବରତ ଚାଲିଥାଏ । ବସ୍ତୁତଃ ସଂଯୋଗର ନାମ ହିଁ ସୃଷ୍ଟି ଏବଂ ବିଯୋଗର ନାମ ପ୍ରଳୟ । ଅଟାରୁ ରୁଟି, ମାଟିର କଣଗୁଡ଼ିକର ସଂଯୋଗରେ ଇଟା — ଏସବୁ ଆରମ୍ଭକବାଦର ଦୃଷ୍ଟାନ୍ତ ।

ଏହି ତିନୋଟିଯାକ ସିଦ୍ଧାନ୍ତ ପାଇଁ ସୃଷ୍ଟିରେ ଦୃଷ୍ଟାନ୍ତ ମିଳିଯାଏ ।

## ଏହା ବିଶେଷତ୍ୱ

ବୈଦିକ ସଂସ୍କୃତି ଏହି ତିନୋଟି ସିଦ୍ଧାନ୍ତକୁ ଠିକ୍ ବୋଲି ସ୍ୱୀକାର କରେ । କିନ୍ତୁ ପାର୍ଥକ୍ୟ ଏତିକି ଯେ ବୈଦିକ ବିଚାରଧାରା ଦୃଷ୍ଟିରେ ଏହି ତିନୋଟି ଯାକ ସିଦ୍ଧାନ୍ତ ଏକାଙ୍ଗୀ ଅଟନ୍ତି, ସର୍ବତନ୍ତ୍ର ନୁହଁନ୍ତି ଅର୍ଥାତ୍ ବିବର୍ତ୍ତ, ପରିଣାମ ତଥା ଆରମ୍ଭକ ତିନୋଟି ଯାକ ଆମକୁ ପ୍ରତିଦିନ ଦେଖିବାକୁ

ମିଳିଥାନ୍ତି । ଭୁଲ୍ ଏହା ଯେ ଲୋକେ ଗୋଟିଏ ବାଦକୁ ସମସ୍ତ କ୍ଷେତ୍ରରେ ଲାଗୁ କରିବାକୁ ଚାହାନ୍ତି ।

ଏହାକୁ ଆଉ ଟିକେ ସ୍ପଷ୍ଟ କରିଦିଆଯାଉ । ବେଳେବେଳେ ଏପରି ହୋଇଥାଏ ଯେ ମୋତେ ଦଉଡ଼ିଟି ସାପ ପରି ପ୍ରତୀତ ହୁଏ କିମ୍ବା ସାପଟିଏ ଦଉଡ଼ି ଭଳି ପ୍ରତୀତ ହୁଏ । ଏତିକି ଭାଗ ପର୍ଯ୍ୟନ୍ତ ତ ବିବର୍ତ୍ତ ଠିକ୍ ଅଛି, କିନ୍ତୁ ଏହା କହିବା ଠିକ୍ ନୁହେଁ ଯେ ମୁଁ ସର୍ବଦା ସାପକୁ ରଶି ବା ରଶିକୁ ସାପ ମନେକରିଥାଏ । ଯଦି ସର୍ବଦା ଦଉଡ଼ିକୁ ସାପ ବୋଲି ବୁଝାଯାଉଥାନ୍ତା ଅଥବା ସର୍ବଦା ସାପକୁ ଦଉଡ଼ି ବୋଲି, ତେବେ ତ କେହି ଏହି କଥା ବି କହିପାରନ୍ତେ ନାହିଁ ଯେ ମୁଁ ଦଉଡ଼ିକୁ ସାପ ବୋଲି ବୁଝିଥାଏ ବା ସାପକୁ ଦଉଡ଼ି ବୋଲି । ସେହି ସମୟରେ ବିବର୍ତ୍ତର ବ୍ୟାଖ୍ୟା ବି ହୋଇପାରିବ ନାହିଁ । ଏହିଭଳି ସୁନା ମୁଦିରେ ପରିବର୍ତ୍ତିତ ହୋଇଯିବା ଅବଶ୍ୟ ପରିଣାମ ଅଟେ । କିନ୍ତୁ ଯଦି କେହି ଦୂରରୁ ମରୀଚିକାର ବାଲିକୁ ଜଳ ବୋଲି ବୁଝିନିଏ ବା ଜଳକୁ ବାଲି ବୋଲି, ତେବେ ବାଲି ଓ ଜଳରେ ପରିଣାମ ଓ ପରିଣାମୀର ସମ୍ବନ୍ଧ ନାହିଁ । ଏହିପରି ୧୦ ଗୋଟି କଡ଼ି ଯୋଡ଼ି ହୋଇ ଏକ ଶିକୁଳି ତିଆରି ହେବା ବା ଏକ ହଜାର ଇଟାରେ ଏକ କାନ୍ଥ ତିଆରି ହେବା—ଏହା ତ ଆରମ୍ଭକ । କିନ୍ତୁ ଅମ୍ଳଜାନ ଓ ଉଦ୍‌ଜାନ ମିଶି ଯେତେବେଳେ ଜଳ ତିଆରି ହୁଏ ସେତେବେଳେ ତାହାକୁ ଆରମ୍ଭକ କୁହାଯାଏ ନାହିଁ, କାରଣ ଅନେକ ଇଟାରେ ଏକ କାନ୍ଥ ତିଆରି ହେବା ଏକ ଭିନ୍ନ ପ୍ରକାର ସଂଯୋଗ ଏବଂ ଅମ୍ଳଜାନ ଓ ଉଦ୍‌ଜାନ ମିଶି ଜଳ ତିଆରି ହେବା ଅନ୍ୟ ଏକ ଭିନ୍ନ ପ୍ରକାରର । ପ୍ରଥମଟିକୁ ସାଧାରଣ ସଂଯୋଗ ଏବଂ ଦ୍ୱିତୀୟଟିକୁ ରାସାୟନିକ ସଂଯୋଗ କୁହାଯାଏ । ପଚାଶ ଇଟା ଯୋଡ଼ି ହୋଇ ବି ଇଟା ହୋଇ ରହନ୍ତି, କିନ୍ତୁ ଜଳର ଅବସ୍ଥା ଅମ୍ଳଜାନ ଓ ଉଦ୍‌ଜାନ ଉଭୟର ଅବସ୍ଥାଠାରୁ ଭିନ୍ନ । ଏଣୁ ଏହା କହିବା ମସ୍ତବଡ଼ ଭୁଲ୍ ଯେ କେବଳ ବିବର୍ତ୍ତବାଦ ବା କେବଳ ପରିଣାମବାଦ କିମ୍ବା କେବଳ ଆରମ୍ଭକବାଦ ଦ୍ୱାରା ହିଁ ଆମେ ସୃଷ୍ଟି ସମ୍ବନ୍ଧୀୟ ସମସ୍ତ ପ୍ରଶ୍ନର ସମାଧାନ କରିଦେବା । ଏହି ଭୁଲ୍ କାରଣରୁ ଭିନ୍ନ-ଭିନ୍ନ ମତବାଦ ଭିତରେ କଳହର ସୂତ୍ରପାତ ।

ବିବର୍ତ୍ତବାଦୀମାନେ କହନ୍ତି ଯେ ମୁଖ୍ୟ ଓ ମୌଳିକ ସତ୍ତା ଏକ ବ୍ରହ୍ମ ହିଁ ଅଟନ୍ତି । ବ୍ରହ୍ମଠାରୁ ଭିନ୍ନ ଅନ୍ୟ କୌଣସି ବସ୍ତୁ ଅତୀତରେ ନ ଥିଲା, ବର୍ତ୍ତମାନ ନାହିଁ କି ଭବିଷ୍ୟତରେ ବି ହେବ ନାହିଁ । ବାକି ଯେଉଁ ପ୍ରଶ୍ନ ଉଠୁଛି ଜୀବଭାବ ଓ ଜଡ଼ଭାବ ବିଷୟରେ, ତାହା ବିବର୍ତ୍ତ ଅର୍ଥାତ୍ କୌଣସି ବସ୍ତୁ ନାହିଁ, କେବଳ ପ୍ରତୀତ ହେଉଛି । ଆର୍ଯ୍ୟସମାଜ କହେ ଯେ ଏକଥା ଠିକ୍ ନୁହେଁ । କାରଣ ଯଦି ବ୍ରହ୍ମ ବ୍ୟତୀତ ଅନ୍ୟ କୌଣସି ବସ୍ତୁର ସତ୍ତା ହିଁ ନାହିଁ, ତେବେ ବିବର୍ତ୍ତ କେବଳ ବ୍ରହ୍ମଙ୍କୁ ହିଁ ହୋଇପାରେ ଅର୍ଥାତ୍ ବ୍ରହ୍ମ ହିଁ ଭୁଲ୍‌ବଶତଃ ନିଜକୁ ଅନ୍ୟ କିଛି ବୋଲି ମନେ କରିପାରନ୍ତି । ଏହି ବିବର୍ତ୍ତବାଦ କଥନରେ ଦୁଇଟି ଦୋଷ ରହିଛି । ପ୍ରଥମଟି ତ ମୌଳିକ ଦୋଷ ଅର୍ଥାତ୍ ଯେତେବେଳ ପର୍ଯ୍ୟନ୍ତ ବ୍ରହ୍ମଙ୍କ ଠାରୁ ଭିନ୍ନ ଅନ୍ୟ କୌଣସି ବସ୍ତୁ ହିଁ ନାହିଁ ସେତେବେଳ ଯାଏ ଭୁଲ୍‌ରେ ବି ବ୍ରହ୍ମ ନିଜକୁ ଅନ୍ୟ କୌଣସି ବସ୍ତୁ ବୋଲି ବିଚାର କରିପାରିବେ ନାହିଁ । ଯଦି ସାପ ବୋଲି ସଂସାରରେ କିଛି ନଥାନ୍ତା, ତେବେ କେହି ଭୁଲ୍‌ରେ ବି ଦଉଡ଼ିକୁ ସାପ ବୋଲି ବିଚାରନ୍ତେ ନାହିଁ । ଯଦି ରୁପା ଏକ ପଦାର୍ଥ ହୋଇନଥାନ୍ତା, ତେବେ କେହି ବି ଶାମୁକାକୁ ରୁପା ବୋଲି ବିଚାରନ୍ତେ ନାହିଁ । ଦ୍ୱିତୀୟ ଦୋଷ ଏହା ଯେ ଯଦି ବ୍ରହ୍ମଙ୍କୁ ବି ଭ୍ରମ ହୋଇପାରେ ଏବଂ ବ୍ରହ୍ମ ବି ଭୁଲ୍ କରିପାରନ୍ତି, ତେବେ ଆଉ କୌଣସି ଦୋଷରହିତ ଜ୍ଞାନବାନ୍ ସତ୍ତା ହିଁ ଅବଶିଷ୍ଟ ରହୁନାହିଁ, ଯାହା ସହ ତୁଳନା କରି ଗୋଟିକୁ ଜ୍ଞାନ ଏବଂ ଅନ୍ୟଟିକୁ ଅଜ୍ଞାନ ବା ଭ୍ରମ କୁହାଯାଇପାରିବ । ଭ୍ରମ ମଧ୍ୟ ଜ୍ଞାନର ଅପେକ୍ଷା ରଖେ । ଉପନିଷଦରେ ବ୍ରହ୍ମଙ୍କୁ 'ସତ୍ୟ, ଜ୍ଞାନ, ଅନନ୍ତ' କୁହାଯାଇଛି ଅର୍ଥାତ୍ ବ୍ରହ୍ମ ସତ୍ୟ ଅଟନ୍ତି, ଜ୍ଞାନ ଅଟନ୍ତି ଓ ଅନନ୍ତ ଅଟନ୍ତି । ଏହାର ଅର୍ଥ ଉପରେ ଚିନ୍ତନ କରନ୍ତୁ । ସତ୍ୟ ମାନେ କ'ଣ ? ତାହା ହିଁ ତ ଯାହା କେତେବେଳେ ବି ପରିବର୍ତ୍ତିତ ହୁଏନାହିଁ । ତିନି କାଳରେ ଏକାପରି ରହେ । ଯେଉଁ ବ୍ରହ୍ମ ଭ୍ରମ ବା ଭୁଲ୍‌ରେ ନିଜକୁ ଜୀବ ବୋଲି

ମନେକରନ୍ତି, ସେ ସତ୍ୟସ୍ୱରୂପ କିପରି ? ତାଙ୍କୁ ଜ୍ଞାନସ୍ୱରୂପ ବି କୁହାଯାଇପାରିବ ନାହିଁ, କାରଣ ଯଦି ମୁଁ ନିଜକୁ ଘୋଡ଼ା ବା ଗଛ ବୋଲି ଭାବିବି ତେବେ ଲୋକେ ମୋତେ ନିଶ୍ଚିତ ରୂପେ ମୂର୍ଖ, ପାଗଳ ବୋଲି କହିବେ । ଏହିପରି ଯେଉଁ ବ୍ରହ୍ମ ଭ୍ରମରେ ପଡ଼ି ନିଜକୁ ଜୀବ ବୋଲି ବିଚାରନ୍ତି, ବିବାହ କରନ୍ତି, ଗୃହସ୍ଥର ବନ୍ଧନକୁ ସ୍ୱୀକାର କରନ୍ତି, ସୁଖ-ଦୁଃଖ ଭୋଗ କରନ୍ତି ଏବଂ ବେଳେବେଳେ ଅନେକ ପ୍ରକାର ପାପ ବି କରନ୍ତି ତଥା ନିଜକୁ ପାପୀ ଓ ମହାପାପୀ ବୋଲି ବିଚାରନ୍ତି, ତାଙ୍କୁ ଜ୍ଞାନସ୍ୱରୂପ ବା ଜ୍ଞାନୀ ବୋଲି କହିବା କିପରି ସମୀଚୀନ ହୋଇପାରିବ ? ଏଣୁ ଏହା ସ୍ପଷ୍ଟ ଯେ ଯେଉଁ ବ୍ରହ୍ମଙ୍କୁ ଉପନିଷଦରେ 'ସତ୍ୟ' ଓ 'ଜ୍ଞାନ' ସ୍ୱରୂପ କୁହାଯାଇଛି ସେ ଏକ ଅଖଣ୍ଡ ଓ ସର୍ବଜ୍ଞ ସତ୍ତା ଅଟନ୍ତି, ଯାହାଙ୍କୁ କେତେବେଳେ ବି ଭ୍ରମ ହୋଇପାରିବ ନାହିଁ ।

## ମାୟା ବଡ଼ ନା ବ୍ରହ୍ମ ?

ଲୋକେ କହନ୍ତି ଯେ ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ଯେପରି ନିଜକୁ କେତେବେଳେ ରାଜା ଭାବରେ ଦେଖେ ତ କେତେବେଳେ ରଙ୍କ ଏବଂ ଯେତେବେଳେ ଆଖି ଖୋଲିଯାଏ ସେତେବେଳେ ନା ତାହାର ରାଜତ୍ୱ ରହେ ନା ଅନ୍ୟ ବସ୍ତୁ, ସେହିପରି ଆମେ ସବୁ ସ୍ୱପ୍ନ ଭଳି ଅବସ୍ଥାରେ ରହିଛେ । ଯେତେବେଳେ ଜ୍ଞାନର ଚକ୍ଷୁ ଖୋଲିଯିବ ସେତେବେଳେ ଆମେ ନିଜକୁ ବ୍ରହ୍ମ ବୋଲି ଜାଣିପାରିବା । ଏପରି ଲୋକଙ୍କୁ ପଚାରିବା ଉଚିତ ଯେ ବର୍ତ୍ତମାନ ତୁମେ ବାସ୍ତବରେ ବ୍ରହ୍ମ ଅଟ ନା ନାହିଁ ? ଯଦି ସେମାନେ କହନ୍ତି ଯେ ବାସ୍ତବରେ ଆମେ ବ୍ରହ୍ମ ହିଁ ଅଟୁ, ତେବେ ପଚାରିବା ଉଚିତ ଯେ ଯଦି ତୁମେ ବାସ୍ତବରେ ବ୍ରହ୍ମ, ତେବେ ତୁମକୁ ସ୍ୱପ୍ନ କାହିଁକି ହେଉଛି ? ବ୍ରହ୍ମ ତ ସର୍ବଦା ଜାଗ୍ରତ ଅଟନ୍ତି ; ତାଙ୍କୁ ନା ସ୍ୱପ୍ନ ହୋଇପାରେ ନା ସୁଷୁପ୍ତି । ସ୍ୱପ୍ନ ଦେଖିବା ଦୁର୍ବଳତାର ପ୍ରତୀକ । ଯଦି ତୁମେ ବ୍ରହ୍ମ ହିଁ ଅଟ, ତେବେ ତୁମକୁ କାହିଁକି ସ୍ୱପ୍ନ ଦେଖାଯାଏ ? ସମ୍ଭବତଃ ସେମାନେ କହିବେ ଯେ ମାୟା ହେତୁ ଆମକୁ ସ୍ୱପ୍ନ ଦେଖାଯାଉଛି ; ଆମର ଚକ୍ଷୁ ଉପରେ ମାୟାର ପରଦା ପଡ଼ିଛି । ତେବେ ସେମାନଙ୍କୁ ପଚାରିବା ଉଚିତ ଯେ ତୁମେ ମାୟାର ଅଧୀନକୁ କିପରି ଆସିଗଲ ? ମାୟା ବଡ଼, ନା ତୁମେ ? ମାୟାର ଶକ୍ତି ଅଧିକ ନା ତୁମର ? ତୁମେ ମାୟାର ଏହି ପରଦାକୁ ଛିନ୍ନ-ଭିନ୍ନ କରି ଫିଙ୍ଗିଦେଉ ନାହଁ କାହିଁକି ? କାହିଁକି ରୋଗ-ବ୍ୟାଧିଗ୍ରସ୍ତ ହେଉଛ, ଦୁଃଖ-ଶୋକରେ ଛଟପଟ ହେଉଛ, ହୋ-ହାଲ୍ଲା କରୁଛ, ଲଢ଼େଇ-ଝଗଡ଼ା କରୁଛ, ଅନ୍ୟ ବିରୁଦ୍ଧରେ ଅଭିଯୋଗ କରୁଛ, ରାଗ-ଦ୍ୱେଷ ବଢ଼ାଉଛ ? ଏ ସମସ୍ତର ସମାଧାନର ଏକମାତ୍ର ଉପାୟ ଏହା ଯେ ମାୟାର ବନ୍ଧନରୁ ମୁକ୍ତ ହୋଇଯାଅ । ଯଦି ମାୟାରୁ ମୁକ୍ତ ହୋଇପାରୁ ନାହଁ, ତେବେ ପୁଣି କାହିଁକି କହୁଛ ଯେ ଆମେ ବାସ୍ତବରେ ବ୍ରହ୍ମ ବୋଲି ? ଯଦି ସେମାନେ କହନ୍ତି ଯେ ବାସ୍ତବରେ ଆମେ ଜୀବ ; କିନ୍ତୁ ଜ୍ଞାନ ହେବା ପରେ ବ୍ରହ୍ମ ହୋଇଯିବୁ, ତେବେ ସେମାନଙ୍କୁ ପଚାରିବା ଉଚିତ ଯେ ଯିଏ ବାସ୍ତବରେ ଜୀବ ସେ ବ୍ରହ୍ମ କିପରି ହୋଇପାରିବ ? ଯଦି ତୁମେ ବାସ୍ତବରେ ଜୀବ ଅଟ, ତେବେ ଏ ପ୍ରଶ୍ନର ଉତ୍ତର ଦିଅ ଯେ ବର୍ତ୍ତମାନ ବ୍ରହ୍ମ ଅଛନ୍ତି ନା ନାହାନ୍ତି ? ଯଦି ବର୍ତ୍ତମାନ ଜଣେ ବ୍ରହ୍ମ ଅଛନ୍ତି ଏବଂ ପରେ ତୁମେ ବି ଗୋଟିଏ-ଗୋଟିଏ ବ୍ରହ୍ମ ହୋଇଯିବ, ତେବେ ତ ସଂସାରରେ ଅନେକ ବ୍ରହ୍ମ ହୋଇଯିବେ । ଏଣୁ ବିବର୍ତ୍ତ, ସ୍ୱପ୍ନ ବା ମାୟାବାଦ ଦ୍ୱାରା ସୃଷ୍ଟିର ବ୍ୟାଖ୍ୟା ହୋଇପାରିବ ନାହିଁ ।

କେବଳ ଗୁଣ-ପରିଣାମବାଦ ମଧ୍ୟ ସମସ୍ତ ବିଷୟର ସମାଧାନ କରିପାରିବ ନାହିଁ । କେତେକ ଲୋକ ବିଚାର କରନ୍ତି ଯେ ଯେପରି ସୁନାରୁ ମୁଦି, ବଳା, ହାର, କାନଫୁଲ ଆଦି ଅନେକ ପ୍ରକାର ଅଳଙ୍କାର ତିଆରି ହୋଇଯାଏ, ସେହିପରି ଈଶ୍ୱରଙ୍କଠାରୁ ମନୁଷ୍ୟ, ପଶୁ, ପକ୍ଷୀ ତଥା ସମସ୍ତ ଜଡ଼ ପଦାର୍ଥ ତିଆରି ହୋଇଯାଆନ୍ତି । କିନ୍ତୁ ଏପରି ବିଚାର ବି ଠିକ୍ ନୁହେଁ । ଯଦି ସୁନା ଶୁଦ୍ଧ ଥାଏ, ତେବେ ସେଥିରେ ନିର୍ମିତ କୌଣସି ଅଳଙ୍କାରରେ ରୁପା ବା ତମ୍ବାର ମିଶ୍ରଣ ରହିପାରିବ ନାହିଁ । ଯଦି କୌଣସି ଅଳଙ୍କାରରେ କୌଣସି ପ୍ରକାର ତ୍ରୁଟି ଦେଖାଯାଏ ତେବେ ଜାଣିବା ଉଚିତ ଯେ ସେଥିରେ ସୁନା ବ୍ୟତୀତ ଅନ୍ୟ କିଛି ବସ୍ତୁ ବି ଥିଲ । ଏହିଭଳି

ବ୍ରହ୍ମ ହିଁ ଯଦି ଏକମାତ୍ର ଅନାଦି ସତ୍ତା ଅଛନ୍ତି ଏବଂ ତାଙ୍କ ବ୍ୟତୀତ ଆଉ କୌଣସି ସତ୍ତା ନାହିଁ, ତେବେ ଦୁଃଖ, ଅଜ୍ଞାନ ଓ ଜଡ଼ତା ଆଦି କେଉଁଠାରୁ ଆସିଲା ? ବ୍ରହ୍ମ ଶୁଦ୍ଧ ଅଟନ୍ତି, ତେଣୁ ସେଥିରେ ନିର୍ମିତ ସମସ୍ତ ବସ୍ତୁ ଶୁଦ୍ଧ ହେବା କଥା । ବ୍ରହ୍ମ ସର୍ବଜ୍ଞ ଅଟନ୍ତି, ତେଣୁ ସେଥିରୁ ନିର୍ମିତ ବସ୍ତୁଗୁଡ଼ିକ ସର୍ବଜ୍ଞ ହେବା ଉଚିତ ଥିଲା । ବ୍ରହ୍ମ ଆନନ୍ଦମୟ, ତେଣୁ ସେଥିରୁ ନିର୍ମିତ ସମସ୍ତ ବସ୍ତୁ ଆନନ୍ଦମୟ ହେବା ଉଚିତ ଥିଲା । କିନ୍ତୁ ସଂସାରର ବାସ୍ତବିକ ସ୍ଥିତି ତ ଅଲଗା ଅନୁଭୂତ ହେଉଛି । ଏଥିରୁ ପ୍ରମାଣିତ ହେଉଛି ଯେ ସମସ୍ତ ବସ୍ତୁ ବ୍ରହ୍ମଙ୍କଠାରୁ ନିର୍ମିତ ନୁହନ୍ତି । କେତେକ କହନ୍ତି ଯେ ଜୀବ ବ୍ରହ୍ମଙ୍କ ଅଂଶ ଅଟେ, ଯେପରିକି ଅଗ୍ନିର ଏକ ସ୍ଫୁଲିଙ୍ଗ ବା ସମୁଦ୍ରର ଗୋଟିଏ ବିନ୍ଦୁ । ଏହି ଉଦାହରଣ ବି ଭ୍ରମମୂଳକ । ଅଂଶ ସର୍ବଦା ଅଂଶୀ ସଦୃଶ ହୋଇଥାଏ । ଅଗ୍ନିର ଏକ ସ୍ଫୁଲିଙ୍ଗ ମଧ୍ଯ ଅଗ୍ନି । ସମୁଦ୍ରର ପ୍ରତ୍ୟେକ ବିନ୍ଦୁ ଜଳ ଅଟେ । ଯଦି ଏହି ସୃଷ୍ଟି ଈଶ୍ୱରଙ୍କର ହିଁ ଅଂଶ, ତେବେ ଏହା ଈଶ୍ୱରଙ୍କର ସଦୃଶ ହେବା ଉଚିତ । ଏଥିରେ ଦୁଃଖ, ପାପ, ଅଜ୍ଞାନ ଓ ଜଡ଼ତା ଆଦିର ନାମ ସୁଦ୍ଧା ନ ରହିବା ଉଚିତ । କିନ୍ତୁ ସୃଷ୍ଟି ତ ଏପରି ହୋଇନାହିଁ ।

ଯେଉଁମାନେ ଗୁଣ-ପରିଣାମବାଦ ଆଧାରରେ କେବଳ ଏକ ବ୍ରହ୍ମଙ୍କଠାରୁ ହିଁ ସୃଷ୍ଟି ନିର୍ମିତ ବୋଲି କହନ୍ତି ସେମାନଙ୍କୁ ପଚାରିବା ଉଚିତ ଯେ ସୁନାରୁ ଅଳଙ୍କାର ତିଆରି କରିବା ପାଇଁ ଜଣେ ସୁନାରି ଆବଶ୍ୟକ ନା ନାହିଁ ? ଯଦି ଆବଶ୍ୟକ, ତେବେ ଈଶ୍ୱରଙ୍କଠାରୁ ଏହି ସୃଷ୍ଟି ନିର୍ମାଣ ନିମନ୍ତେ ବି କୌଣସି ନିର୍ମାତା ଆବଶ୍ୟକ ! ଯଦି କୁହାଯାଏ ଯେ ଈଶ୍ୱର ନିଜେ ହିଁ ସୃଷ୍ଟି ରୂପ ଧାରଣ କରନ୍ତି, ତେବେ ପଚାରିବା ଉଚିତ ଯେ କିପରି ଓ କାହିଁକି ? ଈଶ୍ୱରଙ୍କଠାରେ କ'ଣ ନ୍ୟୂନତା ରହିଛି ଯେ ସେ ବହୁରୂପୀଙ୍କ ପରି ସୁଆଙ୍ଗ କରି ଚାଲିବେ ? କେତେବେଳେ ଶିଶୁ ରୂପରେ ରୋଦନ-କ୍ରନ୍ଦନ କରିବେ ବା ଦରୋଟି କଥା କହିବେ ତ କେତେବେଳେ ଉଚ୍ଛୃଙ୍ଖଳ ବାଳକ ରୂପରେ ମାଡ଼ ବି ଖାଇବେ । ଆଉ କେବେ ଗଧ-ଘୁଷୁରୀ ରୂପରେ ପଙ୍କ-କାଦୁଅରେ ଘାଣ୍ଟି ହେବେ । ଆଚ୍ଛା, ଏପରି ଭିନ୍ନ-ଭିନ୍ନ ରୂପରେ ତାଙ୍କୁ କ'ଣ ଆନନ୍ଦ ମିଳେ ଏବଂ ରୂପ ପରିବର୍ତ୍ତନ ନ କଲେ ତାଙ୍କର କ'ଣ ଅସୁବିଧା ହୁଏ ? ଆର୍ଯ୍ୟସମାଜ କହେ ଯେ ଏସବୁ ଭ୍ରାନ୍ତ ଧାରଣା । ବିବର୍ତ୍ତ ବା ସ୍ୱପ୍ନ ଯେପରି ଈଶ୍ୱରଙ୍କୁ ଦୁଃଖ ଦେଇପାରିବ ନାହିଁ, ସେହିପରି ଈଶ୍ୱର ଗୁଣ-ପରିଣାମର ମଧ୍ୟ ବିଷୟ ନୁହନ୍ତି । ବେଳେବେଳେ ବିବର୍ତ୍ତ ହୋଇଯାଏ, କିନ୍ତୁ ତାହା ଜୀବକୁ, କାରଣ ଜୀବ ଅଳ୍ପଜ୍ଞ । ବେଳେବେଳେ ସ୍ୱପ୍ନ ହୋଇଥାଏ, କିନ୍ତୁ ତାହା ବି ଜୀବକୁ, କାରଣ ଜୀବ ନିର୍ବଳ । ଏହିପରି ଗୁଣ-ପରିଣାମ ମଧ୍ୟ ଜଡ଼ ପ୍ରକୃତିର ହୋଇଥାଏ, ଈଶ୍ୱରଙ୍କର ନୁହେଁ । ସୁନା ପ୍ରକୃତିର ହିଁ ଅଂଶ ଅଟେ ଯେଉଁଥିରୁ ପରିଣାମସ୍ୱରୂପ ଅଳଙ୍କାର ତିଆରି ହୁଏ । ଈଶ୍ୱର ପରିଣାମୀ ନୁହନ୍ତି । ଈଶ୍ୱର ତ ପ୍ରକୃତିକୁ ଅନ୍ୟ ରୂପରେ ପରିଣତ କରନ୍ତି । ଈଶ୍ୱର ନିଜେ ପରିବର୍ତ୍ତିତ ହୁଅନ୍ତି ନାହିଁ, ବରଂ ପ୍ରକୃତିକୁ ପରିବର୍ତ୍ତିତ କରନ୍ତି ।

## କେଉଁଥିରୁ ନିର୍ମାଣ କଲେ ?

କେତେକ ଲୋକ ବ୍ରହ୍ମ ବ୍ୟତୀତ ଅନ୍ୟ କୌଣସି ଅନାଦି ସତ୍ତାକୁ ସ୍ୱୀକାର କରନ୍ତି ନାହିଁ ଏବଂ ବ୍ରହ୍ମଙ୍କଠାରୁ ହିଁ ଅନ୍ୟ ସମସ୍ତ ବସ୍ତୁ ସୃଷ୍ଟ ବୋଲି ମାନିଥାନ୍ତି । ଯେପରିକି ଖ୍ରୀଷ୍ଟିଆନ ଓ ମୁସଲମାନମାନେ କହନ୍ତି କି କେବଳ ଈଶ୍ୱର ହିଁ ଅନାଦି ଅଟନ୍ତି, ଅନ୍ୟ ସମସ୍ତ ବସ୍ତୁ ସେ ନିର୍ମାଣ କରିଛନ୍ତି ; କିନ୍ତୁ ଏହି ମତଗୁଡ଼ିକର ସିଦ୍ଧାନ୍ତଗୁଡ଼ିକର ଦାର୍ଶନିକ ଆଧାର ସଂପୂର୍ଣ୍ଣ ଅନିଶ୍ଚିତ । ସେମାନେ କେବେ ଚିନ୍ତା କରିବା ପାଇଁ ପ୍ରୟାସ କରିନାହାନ୍ତି ଯେ ନିର୍ମାଣର ଅର୍ଥ କ'ଣ ? ବିବର୍ତ୍ତକୁ ତ ସେମାନେ ସ୍ୱୀକାର କରନ୍ତି ନାହିଁ ଏବଂ ପରିଣାମକୁ ବି ମାନନ୍ତି ନାହିଁ ଅର୍ଥାତ୍ ସେମାନଙ୍କର ନା ତ ଏହି ସିଦ୍ଧାନ୍ତ ରହିଛି ଯେ ବ୍ରହ୍ମ ଜଗତ ରୂପରେ ପ୍ରତୀତ ହୁଅନ୍ତି, ନା ଏହା ମାନି ନିଅନ୍ତି ଯେ ବ୍ରହ୍ମ ହିଁ ନିଜେ ସୃଷ୍ଟି ରୂପରେ ପରିଣତ ହୋଇଯାଆନ୍ତି । ଆରମ୍ଭକର ପ୍ରଶ୍ନ ହିଁ ଉଠେ ନାହିଁ, କାରଣ ଆରମ୍ଭ ପାଇଁ ପ୍ରଥମେ ଅନେକ ବସ୍ତୁ ଆବଶ୍ୟକ । ପୁନଶ୍ଚ ଈଶ୍ୱର କିପରି ଏହି ସୃଷ୍ଟି ରଚନା କଲେ ? ଏହା ଉପରେ ଚିନ୍ତନ କରିବା ପାଇଁ ଏ ଲୋକମାନେ ପ୍ରସ୍ତୁତ ନୁହନ୍ତି ।

ଏମାନେ ତ ଶାବ୍ଦିକ ଗୋଲକଧନ୍ଧାରେ ସଂପୂର୍ଣ୍ଣ ମୁଗ୍‌ଧ ଅର୍ଥାତ୍ ଈଶ୍ୱର ହିଁ ସବୁକିଛି, ଆମେ କିଛି ନୋହୁଁ । ଈଶ୍ୱର ହିଁ ଆମକୁ ତିଆରି କରିଛନ୍ତି । ସେ ହିଁ ଆମର କର୍ତ୍ତା-ଧର୍ତ୍ତା । ଈଶ୍ୱର ନିତ୍ୟ ଅଟନ୍ତି, ଆମେ ସବୁ ଅନିତ୍ୟ । ଈଶ୍ୱର ହିଁ ସର୍ବପ୍ରଥମେ ଥିଲେ ଓ ସବୁର ଶେଷରେ ରହିବେ । ଆମେ ତ ଉତ୍ପନ୍ନ ହୋଇଛୁ । ପୂର୍ବରୁ ନ ଥିଲୁ, ଭବିଷ୍ୟତରେ ରହିବୁ କି ନ ରହିବୁ ତା'ର କିଛି ଠିକଣା ନାହିଁ । ଯଦି ସେମାନଙ୍କୁ ପ୍ରଶ୍ନ କରାଯାଏ ଯେ ଈଶ୍ୱର କେଉଁ ବସ୍ତୁରେ ଏହି ସୃଷ୍ଟିକୁ ନିର୍ମାଣ କଲେ ? ତେବେ ସେମାନେ ଉତ୍ତର ଦିଅନ୍ତି — 'ଏପରି ପ୍ରଶ୍ନ ବ୍ୟର୍ଥ ଅଟେ ! ମନୁଷ୍ୟକୁ କୌଣସି ବସ୍ତୁ ନିର୍ମାଣ କରିବାକୁ ହେଲେ ତାହାର ଉପାଦାନ ଆବଶ୍ୟକ । ଈଶ୍ୱରଙ୍କ ଈଶ୍ୱରତ୍ୱ କ'ଣ ଯଦି ସେ ବିନା ଉପାଦାନରେ ନିର୍ମାଣ କରି ନ ପାରନ୍ତି ।' ଯଦି ସେମାନଙ୍କୁ ପଚରାଯାଏ, 'ଈଶ୍ୱର କିପରି ବିନା ଉପାଦାନରେ ନିର୍ମାଣ କାର୍ଯ୍ୟ କରିପାରିବେ ? କ'ଣ ଏପରି ବି କିଛି ଦୃଷ୍ଟାନ୍ତ ଅଛି ?' ତେବେ ସେମାନଙ୍କ ପାଖରେ ଏହାର କୌଣସି ଉତ୍ତର ନାହିଁ । ସେମାନେ ଉପାଦାନର ନିତ୍ୟତ୍ୱକୁ ସ୍ୱୀକାର କରି ଈଶ୍ୱରଙ୍କର ଅପମାନ କରିବାକୁ ଚାହାନ୍ତି ନାହିଁ । କିନ୍ତୁ ସେମାନେ ଭୁଲିଯାଆନ୍ତି ଯେ ବର୍ତ୍ତମାନ ମଧ୍ୟ ଈଶ୍ୱର ବିନା ଉପାଦାନରେ କିଛି ନିର୍ମାଣ କରୁ ନାହାନ୍ତି । ଈଶ୍ୱର ବାଷ୍ପ ସୃଷ୍ଟି କରନ୍ତି ଜଳରୁ । ଜଳ ସୃଷ୍ଟି କରନ୍ତି ଅମ୍ଳଜାନ ଓ ଉଦ୍‌ଜାନରୁ । ଶରୀରକୁ ତିଆରି କରନ୍ତି ପଞ୍ଚତତ୍ତ୍ୱରୁ । ବର୍ତ୍ତମାନ ଯେତେସବୁ ବସ୍ତୁକୁ ଈଶ୍ୱର ଗଢ଼ିଛନ୍ତି ବୋଲି କୁହାଯାଉଛି ସେସବୁର ଉପାଦାନ-କାରଣ ରହିଛି । ଏହା ଈଶ୍ୱରଙ୍କର ହିଁ ତ ନିୟମ ଯେ ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ ଉପାଦାନ-କାରଣ ଆବଶ୍ୟକ ।

ଯଦି ଈଶ୍ୱର ବିନା ଉପାଦାନରେ ସୃଷ୍ଟି ରଚନା କରିଥାନ୍ତେ, ତେବେ ସୃଷ୍ଟିର ନିୟମ ହିଁ ଏହା ହୁଅନ୍ତା ଯେ– 'ଉପାଦାନ ବ୍ୟତୀତ କାର୍ଯ୍ୟ ହୋଇପାରେ ।' ବାସ୍, ତା'ପରେ ଆଉ ସମସ୍ୟା କ'ଣ ଥିଲା ? ଧାନର ବୀଜ ନ ଥାଇ ଧାନ ଗଛ ହୋଇଥାନ୍ତା, ଚଣାର ମଞ୍ଜି ବିନା ଚଣା ଗଛ ହୋଇଥାନ୍ତା । ଅନ୍ୟୂନ ପକ୍ଷେ ଯେଉଁ ବୃକ୍ଷ ଈଶ୍ୱର ସୃଷ୍ଟି କରନ୍ତି ତାହା ପାଇଁ ତ ବୀଜର ଆବଶ୍ୟକତା ହୋଇନଥାନ୍ତା । ସେମାନେ ଭୁଲିଯାଆନ୍ତି ଯେ ନିୟମ ତ ତାହା ହିଁ ଅଛି । ଜୀବ କେବଳ ତାହାର ଅନୁକରଣ ହିଁ କରେ ।

## ସୃଷ୍ଟି ରଚନା କାହା ପାଇଁ ?

ଧ୍ୟାନ ଦେବା ଆବଶ୍ୟକ ଯେ ଯଦି ଈଶ୍ୱର ହିଁ ନିତ୍ୟ ହୁଅନ୍ତି, ତେବେ ସେ କାହା ପାଇଁ ସୃଷ୍ଟି ରଚନା କରିବେ ? ଯଦି କୁହାଯାଏ ଯେ 'ନିଜ ପାଇଁ', ତେବେ ଏହାଦ୍ୱାରା ତାଙ୍କର ଅପୂର୍ଣ୍ଣତା ତଥା ନ୍ୟୂନତା ପ୍ରକଟ ହେବ । କ'ଣ ଏହା କମ୍ ଅପମାନର କଥା ? ବସ୍ତୁତଃ କେବଳ ଈଶ୍ୱରଙ୍କୁ ହିଁ ନିତ୍ୟ ସ୍ୱୀକାର କଲେ ଏତେ ସମସ୍ୟା ଆସିବ ଯେ ଯେଉଁଥିରୁ ଉଦ୍ଧାର ପାଇବା କଠିନ ହେବ । ସୃଷ୍ଟିର ଅବସ୍ଥା ଉପରେ ବିଚାର କଲେ ସ୍ପଷ୍ଟ ହୋଇଯାଏ ଯେ ଈଶ୍ୱର ଏହାକୁ ନିଜ ପାଇଁ ନିର୍ମାଣ କରନ୍ତି ନାହିଁ; ଜୀବମାନଙ୍କ ନିମନ୍ତେ ତିଆରି କରନ୍ତି । ଯେଉଁ ସୃଷ୍ଟିକୁ ଈଶ୍ୱର ଉପାଦାନ ପ୍ରକୃତିରୁ ନିର୍ମାଣ କରିଛନ୍ତି ତାହା ଜୀବଙ୍କ ସୁଖ ପାଇଁ, ଜୀବଗଣଙ୍କ ବିକାଶ ପାଇଁ ଏବଂ ଜୀବଗଣଙ୍କ ଭୋଗ ପାଇଁ । ଈଶ୍ୱର ମୋର ଚକ୍ଷୁ ଗଢ଼ିଛନ୍ତି ମୋର ଦେଖିବା ପାଇଁ । ଏହା ତାଙ୍କର ସ୍ୱାର୍ଥ ବା ତାଙ୍କର ଆବଶ୍ୟକତା ନୁହେଁ, କେବଳ ପରୋପକାର । ସେହିପରି ଈଶ୍ୱର ସୂର୍ଯ୍ୟ ତିଆରି କଲେ ଯଦ୍ଦ୍ୱାରା କି ମୁଁ ଦେଖିପାରିବି । ଯଦି କେବଳ ଚକ୍ଷୁ ତିଆରି କରିଥାନ୍ତେ, କିନ୍ତୁ ସୂର୍ଯ୍ୟ ଗଢ଼ି ନ ଥାନ୍ତେ ତେବେ ମୋର ପ୍ରୟୋଜନ ସିଦ୍ଧ ହୋଇପାରନ୍ତା ନାହିଁ । ଏହିପରି ବିଶାଳ ବ୍ରହ୍ମାଣ୍ଡର ଅସଂଖ୍ୟ ବସ୍ତୁଗୁଡ଼ିକ ସମ୍ବନ୍ଧ ପରମ୍ପରାରେ ମୋ ପାଇଁ ନିର୍ମିତ ହୋଇଛନ୍ତି, ଯଦିଓ ଅଳ୍ପଜ୍ଞତା କାରଣରୁ ସେଥି ମଧ୍ୟରୁ ଅନେକକୁ ମୁଁ ଜାଣି ବି ପାରିନାହିଁ ।

## ପରୋପକାର ବିକାର ନୁହେଁ

କେତେକ ଆକ୍ଷେପ କରନ୍ତି ଯେ ଯଦି ଈଶ୍ୱର ଜୀବଗଣଙ୍କ ପାଇଁ ସୃଷ୍ଟି ରଚନା କରନ୍ତି, ତେବେ ବି ପ୍ରୟୋଜନବାନ୍ ହେବା କାରଣରୁ ସେ ବିକାର ଯୁକ୍ତ ହୋଇଯିବେ । କିନ୍ତୁ ସେମାନେ ଭୁଲିଯାଆନ୍ତି ଯେ

ପରୋପକାର ବିକାର ନୁହେଁ, ବରଂ ବିକାରର ଅଭାବ ଅଟେ । ସ୍ୱାର୍ଥ ବିକାର ଅଟେ, କାରଣ ତାହାର ପ୍ରଭାବ ସ୍ୱାର୍ଥୀ ଉପରେ ପଡ଼ିଥାଏ । ଉତ୍କୃଷ୍ଟତମ ପରୋପକାର ତାହା, ଯାହା କାରଣରୁ ଅନ୍ୟର ଉପକାର ତ ହେବ ; କିନ୍ତୁ ଉପକାର କରୁଥିବା ବ୍ୟକ୍ତି ଭିତରେ ବିକାର ଉତ୍ପନ୍ନ ହେବ ନାହିଁ । ଉପକାର କରିବା ଈଶ୍ୱରଙ୍କର ସର୍ବଥା ସ୍ୱାଭାବିକ କ୍ରିୟା । ଅତଃ ତାଙ୍କଠାରେ କୌଣସି ବିକାର ଉତ୍ପନ୍ନ ହୁଏ ନାହିଁ । ଯଦି ଆପଣ ଏହି ସିଦ୍ଧାନ୍ତକୁ ସ୍ୱୀକାର ନ କରନ୍ତି, ତେବେ ଅବଶ୍ୟ ରୂପେ ଏହାର ବିପରୀତ ବିଚାରକୁ ସ୍ୱୀକାର କରିବେ ଏବଂ ସେହି ଅବସ୍ଥାରେ ଆପଣ ଅନେକ ସମସ୍ୟାରେ ଛନ୍ଦି ହୋଇଯିବେ ।

ଏଣୁ ଈଶ୍ୱର, ଜୀବ ଓ ପ୍ରକୃତିକୁ ଅନାଦି ଓ ଅନନ୍ତ ବୋଲି ସ୍ୱୀକାର ନ କଲେ କୌଣସି କାର୍ଯ୍ୟ ହୋଇପାରିବ ନାହିଁ ।

## ଏକତ୍ୱବାଦ ଠାରୁ ଶୂନ୍ୟବାଦ (Zeroism) ଅଧିକ ଉତ୍ତମ

ଏହି ସିଦ୍ଧାନ୍ତ ବିରୋଧରେ ସବୁଠାରୁ ବଡ଼ ଆକ୍ଷେପ ଏହା ଯେ ଏହା ସଂସାରର କାରଣୈକ୍ୟର ବିରୋଧୀ । ଯଦି ଗୋଟିଏ ହିଁ ମୂଳ କାରଣକୁ ସ୍ୱୀକାର କଲେ ସୃଷ୍ଟିର ବ୍ୟାଖ୍ୟା ହୋଇପାରିବ, ତେବେ ଏକାଧିକ ତତ୍ତ୍ୱ ସ୍ୱୀକାର କରିବାର ଆବଶ୍ୟକତା କ'ଣ ? କିନ୍ତୁ ଏହି 'ଯଦି' ତ ବଡ଼ ଅଛିଣ୍ଡା ଅଙ୍କ । ଯଦି ମୂଳତତ୍ତ୍ୱ ଗୋଟିଏ ହିଁ ହୋଇଥାନ୍ତା, ତେବେ ତାହାକୁ ମାନିନେଲେ ସହଜରେ ସମସ୍ତ ସମସ୍ୟା ଦୂର ହୋଇପାରିଥାନ୍ତା । କିନ୍ତୁ ବାସ୍ତବରେ ହେଉଛି କେଉଁଠି ? କାରଣୈକ୍ୟବାଦୀମାନେ ଆକ୍ଷେପରୁ ବଞ୍ଚିବା ପାଇଁ ଅନେକ ଉପାୟ ଚିନ୍ତା କଲେ, କିନ୍ତୁ ସେମାନେ ସଫଳ ହୋଇପାରିଲେ ନାହିଁ । ଯଦି ମୂଳତତ୍ତ୍ୱ ଗୋଟିଏ ହିଁ ହୋଇଥାନ୍ତା, ତେବେ ବିବର୍ତ୍ତ ଅର୍ଥାତ୍ ଭ୍ରାନ୍ତିର କାରଣ କ'ଣ ? ପ୍ରୟୋଜନ କ'ଣ ? ଏକତତ୍ତ୍ୱବାଦୀମାନେ ତ ପରିଣାମର ବ୍ୟାଖ୍ୟା ବି କରିପାରନ୍ତି ନାହିଁ, କାରଣ ଯେତେବେଳେ ଜଳ ବରଫ ହୁଏ ସେତେବେଳେ ତାହା ଭିତରେ ବି ଉଷ୍ଣତାର ଦ୍ୱିତୀୟ ତତ୍ତ୍ୱ ଲୁଚି ରହିଛି । ଯଦି କେବଳ ଜଳ ଥାଆନ୍ତା ଏବଂ ଜଳ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ନ ଥାନ୍ତା, ତେବେ ବରଫ ବି କେବେ ହୋଇପାରନ୍ତା ନାହିଁ । ଜଳର ତାପମାତ୍ରା କମ୍ କଲେ ହିଁ ଜଳ ବରଫ ପାଲଟିଥାଏ । ଯେଉଁମାନେ ଉପାଦାନ ନ ଥାଇ କେବଳ ଶୂନ୍ୟରୁ ହିଁ ସୃଷ୍ଟିର ବ୍ୟାଖ୍ୟା କରିବାକୁ ଚାହାନ୍ତି ସେମାନେ ଦାର୍ଶନିକ ପ୍ରଶ୍ନ ଉପରେ ଧ୍ୟାନ ହିଁ ଦେଇନାହାନ୍ତି । ଯଦି ଉପାଦାନର ଶୂନ୍ୟତା ବା ଅଭାବରେ କାର୍ଯ୍ୟ ହୋଇପାରେ, ତେବେ ନିମିତ୍ତ କାରଣ (କର୍ତ୍ତା)ର ଅଭାବରେ କାର୍ଯ୍ୟ କାହିଁକି ହୋଇପାରିବ ନାହିଁ ? ବାସ୍ତବରେ ଶୂନ୍ୟରୁ ଶୂନ୍ୟ ହିଁ ନିର୍ମିତ ହୋଇପାରେ । ଏଣୁ ଉପନିଷଦରେ କୁହାଯାଇଛି କି ଅସତ୍‌ରୁ ସତ୍‌ର ଉତ୍ପତ୍ତି ହୋଇପାରେ ନାହିଁ । ସୃଷ୍ଟି ପାଇଁ ଉପାଦାନ-କାରଣ ଆବଶ୍ୟକ, ନିମିତ୍ତ-କାରଣ ଆବଶ୍ୟକ ଓ ପ୍ରୟୋଜନ ଆବଶ୍ୟକ । ବ୍ରହ୍ମ, ଜୀବ ଓ ପ୍ରକୃତିକୁ ନିତ୍ୟ ସ୍ୱୀକାର କରିବା ଦ୍ୱାରା ହିଁ ଏହି ତିନୋଟି ଆବଶ୍ୟକତା ପୂରଣ ହୋଇପାରେ, ଅନ୍ୟଥା ନୁହେଁ । ଏହା ହିଁ ବୈଦିକ ତ୍ରୈତବାଦ । ◆

ଭାଷାନ୍ତର

**ପଦ୍ମନାଭ ସ୍ୱାଇଁ**

❖❖❖

# ଅଥ ଚତୁର୍ଥସମୁଲ୍ଲାସାରମ୍ଭଃ

## ଅଥ ସମାବର୍ତ୍ତନବିବାହଗୃହାଶ୍ରମବିଧିଂ ବକ୍ଷ୍ୟାମଃ

ମହର୍ଷି ଦୟାନନ୍ଦ ସରସ୍ୱତୀ

ପୂର୍ବାନୁକ୍ରମିକ....

**ସତ୍ୟଧର୍ମାର୍ୟ୍ୟବୃତ୍ତେଷୁ ଶୌଚେ ଚୈବାରମେତ୍‌ସଦା ।**
**ଶିଷ୍ୟାଂଶ୍ଚ ଶିଷ୍ୟାଦ୍ଧର୍ମେଣ ବାଗ୍ବାହୂଦରସଂୟତଃ ॥** (ମନୁ. ୪:୧୭୫)

ବିଦ୍ୱାନ୍ ବ୍ୟକ୍ତି ବେଦୋକ୍ତ 'ସତ୍ୟ ଧର୍ମ' ଅର୍ଥାତ୍ ପକ୍ଷପାତରହିତ ହୋଇ ସତ୍ୟ ଗ୍ରହଣ ଓ ଅସତ୍ୟ ପରିତ୍ୟାଗ, ନ୍ୟାୟ ରୂପକ ବେଦୋକ୍ତ ଧର୍ମାଦି; 'ଆର୍ଯ୍ୟ-ବୃତ୍ତ' ଅର୍ଥାତ୍ ଶ୍ରେଷ୍ଠ ବ୍ୟକ୍ତିଙ୍କ ଗୁଣ, କର୍ମ, ସ୍ୱଭାବ; ଏବଂ ପବିତ୍ରତାରେ ହିଁ ସର୍ବଦା ରମଣ କରିବେ । ମୁଖ, ବାହୁ, ଉଦର ଆଦି ଅଙ୍ଗଗୁଡ଼ିକୁ ସଂଯମ କରି ଅର୍ଥାତ୍ ଧର୍ମ ମାର୍ଗରେ ପରିଚାଳିତ କରି ଧର୍ମପୂର୍ବକ ଶିଷ୍ୟମାନଙ୍କୁ ଶିକ୍ଷା ପ୍ରଦାନ କରିବେ ।

**ଋତ୍ୱିକ୍‌ପୁରୋହିତାଚାର୍ୟ୍ୟୈର୍ମାତୁଲାତିଥିସଂଶ୍ରିତୈଃ ।**
**ବାଲବୃଦ୍ଧାତୁରୈର୍ବୈଦ୍ୟୈର୍ଜ୍ଞାତିସମ୍ବନ୍ଧିବାନ୍ଧବୈଃ ॥ ୧ ॥**
**ମାତାପିତୃଭ୍ୟାଂ ଯାମିଭିର୍ଭ୍ରାତ୍ରା ପୁତ୍ରେଣ ଭାର୍ୟ୍ୟା ।**
**ଦୁହିତ୍ରା ଦାସବର୍ଗେଣ ବିବାଦଂ ନ ସମାଚରେତ୍ ॥ ୨ ॥** (ମନୁ. ୪:୧୭୯,୧୮୦)

**(ଋତ୍ୱିକ୍)** ଯଜ୍ଞକର୍ତ୍ତା, **(ପୁରୋହିତ)** ସର୍ବଦା ଉତ୍ତମ ଆଚାର-ବ୍ୟବହାରର ଶିକ୍ଷାଦାତା, **(ଆଚାର୍ଯ୍ୟ)** ବିଦ୍ୟାଦାତା, **(ମାତୁଳ)** ମାମୁଁ, **(ଅତିଥି)** ଅତିଥି, **(ସଂଶ୍ରିତ)** ଆଶ୍ରିତ, **(ବାଳ)** ବାଳକ, **(ବୃଦ୍ଧ)** ବୃଦ୍ଧ, **(ଆତୁର)** ପୀଡ଼ିତ, **(ବୈଦ୍ୟ)** ଚିକିତ୍ସକ, **(ଜ୍ଞାତି)** ସଗୋତ୍ର, କୁଟୁମ୍ବ, **(ସମ୍ବନ୍ଧୀ)** ଶାଶୁ, ଶଶୁର ଆଦି, **(ବାନ୍ଧବ)** ମିତ୍ର, ॥ ୧ ॥ **(ମାତା)** ମାତା, **(ପିତା)** ପିତା, **(ଯାମି)** ଭଗିନୀ, **(ଭ୍ରାତା)** ଭାଇ, **(ପୁତ୍ର)** ପୁତ୍ର, **(ଭାର୍ଯ୍ୟା)** ପତ୍ନୀ, **(ଦୁହିତା)** କନ୍ୟା ଓ **(ଦାସବର୍ଗ)** ସେବକମାନଙ୍କ ସହ କଦାପି ବିବାଦ ଅର୍ଥାତ୍ ଝଗଡ଼ା କରିବା ଉଚିତ ନୁହେଁ ॥ ୨ ॥

### ଅନୁଚିତ ଦାନ

**ଅତପାସ୍ତ୍ୱନଧୀୟାନଃ ପ୍ରତିଗ୍ରହରୁଚିର୍ଦ୍ୱିଜଃ ।**
**ଅମ୍ଭସ୍ୟଶ୍ମପ୍ଲବେନେବ ସହ ତେନୈବ ମଜ୍ଜତି ॥** (ମନୁ. ୪:୧୯୦)

**୧. (ଅତପାଃ)** ବ୍ରହ୍ମଚର୍ଯ୍ୟ-ସତ୍ୟଭାଷଣାଦି ତପ ରହିତ, **୨. (ଅନଧୀୟାନଃ)** ବେଦ-ଶାସ୍ତ୍ର ଅଧ୍ୟୟନ ବିହୀନ, **୩. (ପ୍ରତିଗ୍ରହରୁଚିଃ)** ଅନ୍ୟଠୁ ଦାନ ନେବା ପାଇଁ ସଦା ଆତୁର – ଏ ତିନି ଜଣ ପଥରର ନୌକାରେ ସମୁଦ୍ର ପାର ହେବା ଭଳି ନିଜ ଦୁଷ୍କର୍ମ ସହ ଦୁଃଖସାଗରରେ ନିମଜ୍ଜିତ ହୋଇଯାଆନ୍ତି । ସେମାନେ ନିଜେ ତ ନିଶ୍ଚିତ ବୁଡ଼ନ୍ତି, ତା' ସହ ଦାତାଙ୍କୁ ମଧ୍ୟ ସାଙ୍ଗରେ ବୁଡ଼ାଇ ଦିଅନ୍ତି ।

**ତ୍ରିଷ୍ୱପ୍ୟେତେଷୁ ଦତ୍ତଂ ହି ବିଧିନାପ୍ୟର୍ଜିତଂ ଧନମ୍ ।**
**ଦାତୁର୍ଭବତ୍ୟନର୍ଥାୟ ପରତ୍ରାଦାତୁରେବ ଚ ॥** (ମନୁ. ୪:୧୯୩)

ସନ୍ମାର୍ଗରେ ଉପାର୍ଜିତ ଧନକୁ ଯଦି ଏ ତିନି ଜଣଙ୍କୁ ଦାନ ଦିଆଯାଏ, ତେବେ ସେ ଦାନ ଇହ ଜନ୍ମରେ ଦାତାର ନାଶ କରେ ଓ ପରଜନ୍ମରେ ଦାନ-ଗ୍ରହୀତାର ବିନାଶ ସାଧନ କରେ । ଯଦି ଦାତା ଓ ଗ୍ରହୀତା ଏହି ପ୍ରକାରର ହୋଇଥାନ୍ତି, ତେବେ କ'ଣ ହୁଏ ? —

**ଯଥା ପ୍ଲବେନୌପଲେନ ନିମଜ୍ଜତ୍ୟୁଦକେ ତରନ୍ ।**
**ତଥା ନିମଜ୍ଜତୋଽଧସ୍ତାଦଜ୍ଞୌ ଦାତୃପ୍ରତୀଚ୍ଛକୌ ॥** (ମନୁ. ୪:୧୯୪)

ପଥରର ନୌକା ସାହାଯ୍ୟରେ ଜଳାଶୟ ପାର ହେବାକୁ ଚେଷ୍ଟା କରିବା ଲୋକ ଯେପରି ବୁଡ଼ିଯାଏ, ଅଜ୍ଞାନୀ ଦାତା ଓ ଗ୍ରହୀତା ଉଭୟେ ସେହିପରି ଅଧୋଗତି ଅର୍ଥାତ୍ ଦୁଃଖ ଲାଭ କରନ୍ତି ।

## ପାଖଣ୍ଡୀଙ୍କ ଲକ୍ଷଣ

**ଧର୍ମଧ୍ୱଜୀ ସଦାଲୁବ୍ଧଶ୍ଛାଦ୍ମିକୋ ଲୋକଦମ୍ଭକଃ ।**
**ବୈଡ଼ାଲବ୍ରତିକୋ ଜ୍ଞେୟୋ ହିଂସ୍ରଃ ସର୍ବାଭିସନ୍ଧକଃ ॥ ୧ ॥**
**ଅଧୋଦୃଷ୍ଟିର୍ନୈଷ୍କୃତିକଃ ସ୍ୱାର୍ଥସାଧନତତ୍ପରଃ ।**
**ଶଠୋ ମିଥ୍ୟାବିନୀତଶ୍ଚ ବକବ୍ରତଚରୋ ଦ୍ୱିଜଃ ॥ ୨ ॥** (ମନୁ. ୪:୧୯୫,୧୯୬)

ଯିଏ **(ଧର୍ମଧ୍ୱଜୀ)** କୌଣସି ପ୍ରକାର ଧର୍ମାଚରଣ କରୁନଥିବ, ଅଥଚ ଧର୍ମ ନାମରେ ଲୋକଙ୍କୁ ଠକୁଥିବ, ଧାର୍ମିକ ବୋଲି ଦେଖେଇ ହେଉଥିବ, **(ସଦାଲୁବ୍ଧଃ)** ସର୍ବଦା ଲୋଭଗ୍ରସ୍ତ, **(ଛାଦ୍ମିକଃ)** କପଟୀ, **(ଲୋକଦମ୍ଭକଃ)** ଲୋକଙ୍କ ଆଗରେ ନିଜ ବାହାଦୁରି ବଖାଣୁଥିବ, **(ହିଂସ୍ରଃ)** ପ୍ରାଣୀଘାତକ, ଅନ୍ୟ ପ୍ରତି ଶତ୍ରୁତା ଭାବ ପୋଷଣକାରୀ, **(ସର୍ବାଭିସନ୍ଧକଃ)** ଭଲ ଓ ଖରାପ ସବୁ ପ୍ରକାର ଲୋକଙ୍କ ସହ ଯୋଗସୂତ୍ର ରଖୁଥିବ, ତାକୁ **(ବୈଡ଼ାଲବ୍ରତକଃ)** ବିରାଡ଼ି-ବୈଷ୍ଣବ ଅର୍ଥାତ୍ ବିରାଡ଼ି ଭଳି ଧୂର୍ତ୍ତ ଓ ନୀଚ ବୋଲି **(ଜ୍ଞେୟଃ)** ଜାଣିବା ଉଚିତ ॥ ୧ ॥

ଯିଏ **(ଅଧୋଦୃଷ୍ଟିଃ)** ନିଜକୁ ଧାର୍ମିକ ବୋଲି ପରିଚୟ ଦେବା ଉଦ୍ଦେଶ୍ୟରେ ସଦା ତଳକୁ ଦୃଷ୍ଟି ରଖିଥାଏ, **(ନୈଷ୍କୃତିକଃ)** ଅତ୍ୟନ୍ତ ଈର୍ଷ୍ୟା-ଦ୍ୱେଷ ଗ୍ରସ୍ତ, କେହି ତା'ର ପଇସାକର ହାନି କଲେ ବି ପ୍ରତିଶୋଧପରାୟଣ ହୋଇ ତା'ର ପ୍ରାଣନାଶ କରିବାକୁ ବି ତତ୍ପର, **(ସ୍ୱାର୍ଥସାଧନତତ୍ପରଃ)** କପଟ, ଅଧର୍ମ, ବିଶ୍ୱାସଘାତକତା, ଯେକୌଣସି ଉପାୟରେ ହେଉ ପଛକେ ନିଜ ସ୍ୱାର୍ଥ ସାଧନ କରିବାରେ ଧୁରନ୍ଧର, **(ଶଠଃ)** ନିଜ କଥା ସମ୍ପୂର୍ଣ୍ଣ ରୂପେ ମିଥ୍ୟା ହୋଇଥିଲେ ମଧ୍ୟ ଏହା ଠିକ୍ ବୋଲି ହଠଧର୍ମିତା ଛାଡ଼େ ନାହିଁ, **(ମିଥ୍ୟାବିନୀତଃ)** ମିଛରେ ଉପରେ-ଉପରେ ସଜ୍ଜନତା, ସନ୍ତୋଷ, ସାଧୁତା ଓ ବିନୟ ଦେଖାଇ ହେଉଥାଏ ତାକୁ **(ବକବ୍ରତଚରଃ)** ବକଧାର୍ମିକ ଅର୍ଥାତ୍ ବଗ ଭଳି ଉପରକୁ ଧାର୍ମିକତା ଦେଖାଇ ହୋଇ ମଉକା ଦେଖି ସ୍ୱାର୍ଥ ସାଧନ କରୁଥିବା ନୀଚ ସ୍ତରର ବୋଲି ବୁଝିବା ଉଚିତ । ଏପରି ଲକ୍ଷଣ ସମ୍ପନ୍ନ ବ୍ୟକ୍ତିମାନେ **ପାଖଣ୍ଡୀ** ହୋଇଥାନ୍ତି । ଏମାନଙ୍କୁ କେବେ ବି ବିଶ୍ୱାସ କରିବା ଉଚିତ ନୁହେଁ କି ସେବା ବି କରିବା ଉଚିତ ନୁହେଁ ॥ ୨ ॥

## ଗୃହସ୍ଥ ଧର୍ମାଚରଣ

**ଧର୍ମଂ ଶନୈଃ ସଞ୍ଚିନୁୟାଦ୍ ବଲ୍ମୀକମିବ ପୁତ୍ତିକାଃ ।**
**ପରଲୋକସହାୟାର୍ଥଂ ସର୍ବଭୂତାନ୍ୟପୀଡ଼ୟନ୍ ॥ ୧ ॥**
**ନାମୁତ୍ର ହି ସହାୟାର୍ଥଂ ପିତା ମାତା ଚ ତିଷ୍ଠତଃ ।**

**ନ ପୁତ୍ରଦାରଂ ନ ଜ୍ଞାତିର୍ଧର୍ମସ୍ତିଷ୍ଠତି କେବଲଃ ॥ ୨ ॥**
**ଏକଃ ପ୍ରଜାୟତେ ଜନ୍ତୁରେକ ଏବ ପ୍ରଲୀୟତେ ।**
**ଏକୋଽନୁଭୁଙ୍କ୍ତେ ସୁକୃତମେକ ଏବ ଚ ଦୁଷ୍କୃତମ୍ ॥ ୩ ॥** (ମନୁ. ୪:୨୩୮-୨୪୦)
**ଏକଃ ପାପାନି କୁରୁତେ ଫଳଂ ଭୁଙ୍କ୍ତେ ମହାଜନଃ ।**
**ଭୋକ୍ତାରୋ ବିପ୍ରମୁଚ୍ୟନ୍ତେ କର୍ତ୍ତା ଦୋଷେଣ ଲିପ୍ୟତେ ॥ ୪ ॥** (ମହା. ଉଦ୍ୟୋଗ. ୩୩:୪୧)
**ମୃତଂ ଶରୀରମୁତ୍ସୃଜ୍ୟ କାଷ୍ଠଲୋଷ୍ଠସମଂ କ୍ଷିତୌ ।**
**ବିମୁଖା ବାନ୍ଧବା ଯାନ୍ତି ଧର୍ମସ୍ତମନୁଗଚ୍ଛତି ॥ ୫ ॥** (ମନୁ. ୪:୨୪୧)

ପୁତ୍ତିକା ଅର୍ଥାତ୍ ଉଇ ଯେପରି ନିରନ୍ତର ପ୍ରଯତ୍ନ କରି ଧୀରେ-ଧୀରେ ବଲ୍ମୀକ ବା ହୁଙ୍କା ତିଆରି କରେ, ପ୍ରତ୍ୟେକ ନର-ନାରୀ ମଧ୍ୟ ସେପରି କୌଣସି ପ୍ରାଣୀଙ୍କୁ ଦୁଃଖ ନ ଦେଇ ପରଲୋକ ବା ପରଜନ୍ମର ସୁଖ ସକାଶେ ଧୀରେ-ଧୀରେ ଧର୍ମ ସଞ୍ଚୟ କରିବା ଉଚିତ ॥ ୧ ॥

କାରଣ ପରଲୋକରେ ମାତା, ପିତା, ପୁତ୍ର, ପତ୍ନୀ, ଜ୍ଞାତି-କୁଟୁମ୍ବ କେହି ବି ସହାୟତା କରିପାରନ୍ତି ନାହିଁ । କେବଳ ମାତ୍ର ଧର୍ମ ହିଁ ସହାୟକ ହୋଇଥାଏ ॥ ୨ ॥

ଦେଖନ୍ତୁ ! ଜୀବ ଏକାକୀ ହିଁ ଜନ୍ମଗ୍ରହଣ କରେ ଓ ଏକୁଟିଆ ମୃତ୍ୟୁବରଣ କରେ । ସେ ଏକାକୀ ହିଁ ନିଜର ଧର୍ମ କାର୍ଯ୍ୟର ସୁଖ ରୂପକ ଫଳ ଓ ଅଧର୍ମ କାର୍ଯ୍ୟର ଦୁଃଖ ରୂପକ ଫଳ ଭୋଗ କରେ ॥ ୩ ॥

ଏ କଥା ବି ବୁଝି ରଖ ଯେ କୁଟୁମ୍ବରେ ଜଣେ ପାପ କର୍ମ କରି ଭୋଗ୍ୟ ପଦାର୍ଥ ଉପାର୍ଜନ କରି ଆଣେ; କିନ୍ତୁ ମହାଜନ ଅର୍ଥାତ୍ ସକଳ କୁଟୁମ୍ବ ତାହା ଭୋଗକରନ୍ତି । ପରନ୍ତୁ ଭୋଗକରୁଥିବା ବ୍ୟକ୍ତିମାନେ ଏ ଦୋଷର ଭାଗୀ ହୁଅନ୍ତି ନାହିଁ, କେବଳ ପାପ କର୍ମର କର୍ତ୍ତା ହିଁ ଦୋଷଭାଗୀ ହୋଇଥାଏ, ସିଏ ହିଁ ଦଣ୍ଡ ଭୋଗ କରିଥାଏ ॥ ୪ ॥

ଯେତେବେଳେ କେହି ମରିଯାଏ ତାହାର ପରିବାର ଓ ଆତ୍ମୀୟସ୍ୱଜନ ତାକୁ କାଠ ଖଣ୍ଡେ ବା ମାଟିର ଢେଲାଟିଏ ଭଳି ଶ୍ମଶାନରେ ଫୋପାଡ଼ି ଦେଇ (ଅଗ୍ନିରେ ପୋଡ଼ିଦେଇ ବା ମାଟିରେ ପୋତିଦେଇ) ପଛକୁ ମୁହଁ ଫେରାଇ ଚାଲିଆସନ୍ତି । କେହି ମଧ୍ୟ ତା' ସାଙ୍ଗରେ ଯାଆନ୍ତି ନାହିଁ । କେବଳ ମୃତ ବ୍ୟକ୍ତିର ଧର୍ମ ହିଁ ତାହା ସାଙ୍ଗରେ ଯାଏ ॥ ୫ ॥

**ତସ୍ମାଦ୍ଧର୍ମଂ ସହାୟାର୍ଥଂ ନିତ୍ୟଂ ସଞ୍ଚିନୁୟାଚ୍ଛନୈଃ ।**
**ଧର୍ମେଣ ହି ସହାୟେନ ତମସ୍ତରତି ଦୁସ୍ତରମ୍ ॥ ୧ ॥**
**ଧର୍ମପ୍ରଧାନଂ ପୁରୁଷଂ ତପସା ହତକିଲ୍ବିଷମ୍ ।**
**ପରଲୋକଂ ନୟତ୍ୟାଶୁ ଭାସ୍ୱନ୍ତଂ ଖଶରୀରିଣମ୍ ॥ ୨ ॥** (ମନୁ. ୪:୨୪୨,୨୪୩)

ସେଥିପାଇଁ ପରଲୋକ ଅର୍ଥାତ୍ ପରମସୁଖ ପାଇଁ ଓ ପରଜନ୍ମର ସହାୟତା ସକାଶେ ପ୍ରତିଦିନ ଶନୈଃ-ଶନୈଃ ଧର୍ମ ସଞ୍ଚୟ କରିଚାଲିବା ଉଚିତ । କାରଣ କେବଳ ଧର୍ମର ସହାୟତାରେ ହିଁ ଜୀବ ବିଶାଳ ଦୁସ୍ତର ଦୁଃଖସାଗରକୁ ପାର ହୋଇପାରେ ॥ ୧ ॥

ଜୀବନରେ ଧର୍ମକୁ ପ୍ରଧାନ ଅବଲମ୍ବନ ବୋଲି ବିଚାର କରୁଥିବା ବ୍ୟକ୍ତିକୁ, ଧର୍ମାଚରଣ ଦ୍ୱାରା କର୍ତ୍ତବ୍ୟ(ସମ୍ଭାବିତ) ପାପ(ପାପପ୍ରବୃତ୍ତି) ଦୂର ହୋଇଯାଇଥିବା ବ୍ୟକ୍ତିକୁ, ପ୍ରକାଶସ୍ୱରୂପ ଓ ଆକାଶ ଶରୀର ଭଳି ଥିବା ପରଲୋକ ଅର୍ଥାତ୍

ପରମଦର୍ଶନୀୟ ପରମାତ୍ମାଙ୍କୁ ଧର୍ମ ହିଁ ଶୀଘ୍ର ପ୍ରାପ୍ତ କରାଇଥାଏ ॥ ୨ ॥ ଏଣୁ —

**ଦୃଢ଼କାରୀ ମୃଦୁର୍ଦାନ୍ତଃ କ୍ରୂରାଚାରୈରସଂବସନ୍ ।**
**ଅହିଂସ୍ରୋ ଦମଦାନାଭ୍ୟାଂ ଜୟେତ୍ସ୍ୱର୍ଗଂ ତଥାବ୍ରତଃ ॥ ୧ ॥**
**ବାଚ୍ୟର୍ଥା ନିୟତାଃ ସର୍ବେ ବାଙ୍‌ମୂଲା ବାଗ୍‌ବିନିଃସୃତାଃ ।**
**ତାଂ ତୁ ଯଃ ସ୍ତେନୟେଦ୍‌ବାଚଂ ସ ସର୍ବସ୍ତେୟକୃନ୍ନରଃ ॥ ୨ ॥**
**ଆଚାରାଲ୍ଲଭତେ ହ୍ୟାୟୁରାଚରାଦୀପ୍‌ସିତାଃ ପ୍ରଜାଃ ।**
**ଆଚାରାଦ୍ଧନମକ୍ଷୟ୍ୟମାଚାରୋ ହନ୍ତ୍ୟଲକ୍ଷଣମ୍ ॥ ୩ ॥** (ମନୁ. ୪:୨୪୬,୨୫୬,୧୫୬)

ସଦା କର୍ତ୍ତବ୍ୟରେ ଦୃଢ଼, କୋମଳସ୍ୱଭାବଯୁକ୍ତ, ଜିତେନ୍ଦ୍ରିୟ, ହିଂସକ-କ୍ରୂର-ଦୁଷ୍ଟାଚାରୀ ବ୍ୟକ୍ତିଙ୍କଠାରୁ ଦୂରେଇ ରହୁଥିବା ଅହିଂସକ, ଧର୍ମାତ୍ମା ବ୍ୟକ୍ତି ମନର ସଂଯମ ଓ ବିଦ୍ୟାଦି ଦାନ ଦ୍ୱାରା ସୁଖ ପ୍ରାପ୍ତ କରିବେ ॥ ୧ ॥

କିନ୍ତୁ ଏ କଥା ବି ଧ୍ୟାନ ରଖିବେ ଯେ ବଚନରେ ସକଳ ଅର୍ଥ ଅର୍ଥାତ୍ ବ୍ୟବହାର ନିଶ୍ଚିତ ହୋଇଥାଏ, ବାଣୀ ହିଁ ସମସ୍ତ ବ୍ୟବହାରର ମୂଳାଧାର ଏବଂ ବଚନ ଦ୍ୱାରା ହିଁ ସବୁ ବ୍ୟବହାର ସିଦ୍ଧ ହୁଏ । ଅତଃ ସେହି ବଚନକୁ ଯିଏ ଚୋରି କରେ ଅର୍ଥାତ୍ ମିଥ୍ୟାଭାଷଣ କରେ, ସେ ବ୍ୟକ୍ତି ଚୋରି ଆଦି ସକଳ ପାପର କର୍ତ୍ତା ରୂପେ ପରିଗଣିତ ହୁଏ ॥ ୨ ॥

ଏଣୁ ମନୁଷ୍ୟ ମିଥ୍ୟାଭାଷଣ ରୂପକ ଅଧର୍ମ କର୍ମ ପରିତ୍ୟାଗ କରି, ଯେଉଁ ଧର୍ମାଚରଣ ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ପାଳନ, ଜିତେନ୍ଦ୍ରିୟତା ଦ୍ୱାରା ଦୀର୍ଘ ଆୟୁ ଲାଭ ହୁଏ; ଯେଉଁ ଧର୍ମାଚରଣ ଦ୍ୱାରା ଉତ୍ତମ ସନ୍ତାନ ପ୍ରାପ୍ତ ହୁଏ; ଯେଉଁ ଧର୍ମାଚରଣ ଦ୍ୱାରା ଅକ୍ଷୟ ଧନ ଲାଭ ହୁଏ ତଥା ଯେଉଁ ଧର୍ମାଚରଣ ଦୁଷ୍ଟ ଲକ୍ଷଣସମୂହକୁ ନାଶ କରିଦିଏ, ସେହି ଆଚରଣକୁ ସର୍ବଦା କରିବା ବିଧେୟ ॥ ୩ ॥ କାରଣ —

**ଦୁରାଚାରୋ ହି ପୁରୁଷୋ ଲୋକେ ଭବତି ନିନ୍ଦିତଃ ।**
**ଦୁଃଖଭାଗୀ ଚ ସତତଂ ବ୍ୟାଧିତୋଽଲ୍ପାୟୁରେବ ଚ ॥** (ମନୁ. ୪:୧୫୭)

ଦୁଷ୍ଟାଚାରୀ ବ୍ୟକ୍ତି ସଜ୍ଜନ ସମାଜରେ ନିନ୍ଦିତ ହୁଏ, ନିରନ୍ତର ଦୁଃଖ ଭୋଗ କରେ ଓ ଅନେକ ପ୍ରକାର ରୋଗଗ୍ରସ୍ତ ହୋଇ ଅଳ୍ପାୟୁ ହୋଇଥାଏ । ଏଣୁ ଏପରି ପ୍ରଯତ୍ନ କରିବା ଉଚିତ—

**ଯଦ୍ୟତ୍ପରବଶଂ କର୍ମ ତତ୍ତଦ୍ୟତ୍ନେନ ବର୍ଜୟେତ୍ ।**
**ଯଦ୍ୟଦାତ୍ମବଶଂ ତୁ ସ୍ୟାତ୍ ତତ୍ତତ୍‌ସେବେତ ଯତ୍ନତଃ ॥ ୧ ॥**
**ସର୍ବଂ ପରବଶଂ ଦୁଃଖଂ ସର୍ବମାତ୍ମବଶଂ ସୁଖମ୍ ।**
**ଏତଦ୍‌ବିଦ୍ୟାତ୍‌ସମାସେନ ଲକ୍ଷଣଂ ସୁଖଦୁଃଖୟୋଃ ॥ ୨ ॥** (ମନୁ. ୪:୧୫୯,୧୬୦)

ଯେଉଁ-ଯେଉଁ କର୍ମ ପରାଧୀନ ସେସବୁ ପ୍ରଯତ୍ନ ପୂର୍ବକ ତ୍ୟାଗ କରିବା ଉଚିତ ଏବଂ ଯେଉଁସବୁ କର୍ମ ସ୍ୱାଧୀନ ସେସବୁର ଯତ୍ନ ପୂର୍ବକ ଅନୁଷ୍ଠାନ କରିବା ଆବଶ୍ୟକ ॥ ୧ ॥

କାରଣ ଯେଉଁସବୁ କର୍ମ ପରାଧୀନ ସେସବୁ ଦୁଃଖଦାୟକ ଏବଂ ଯେଉଁସବୁ କର୍ମ ସ୍ୱାଧୀନ ସେସବୁ ସୁଖଦାୟକ । ଏହା ହିଁ ସୁଖ-ଦୁଃଖର ସଂକ୍ଷିପ୍ତ ଲକ୍ଷଣ ବୋଲି ଜାଣିବା ଉଚିତ ॥ ୨ ॥

କିନ୍ତୁ ଯେଉଁସବୁ କାମ ପରସ୍ପରର ଅଧୀନ ସେସବୁ ଅଧୀନତାର ଭାବନାରେ ହିଁ କରିବା ଉଚିତ । ଯଥା - ପତି-ପତ୍ନୀ ମଧ୍ୟରେ ଜଣକର-ଅନ୍ୟର ଅଧୀନସ୍ଥ ଥିବା ବ୍ୟବହାର । ଅର୍ଥାତ୍ ପତ୍ନୀ ସହ ପତି ଓ ପତି ସହ ପତ୍ନୀ

ପାରସ୍ପରିକ ପ୍ରିୟାଚରଣ, ଅନୁକୂଳ ଆଚରଣ କରିବା; କେହି ବି କେବେ ବି ବ୍ୟଭିଚାର ବା ବିରୋଧ ନ କରିବା; ସ୍ୱାମୀଙ୍କ ଆଜ୍ଞାନୁସାରେ ଗୃହର ଯାବତୀୟ କର୍ମ ସ୍ତ୍ରୀଙ୍କ ଅଧୀନରେ ରହିବା, ସ୍ତ୍ରୀଙ୍କ ଦ୍ୱାରା ନିର୍ବାହ ହେବା ଏବଂ ବାହାରର ସକଳ କାର୍ଯ୍ୟ ସ୍ୱାମୀଙ୍କ ଦ୍ୱାରା ସମ୍ପାଦିତ ହେବା; ଦୁର୍ବ୍ୟସନରେ ଲିପ୍ତ ହେବାରୁ ଜଣେ ଅନ୍ୟକୁ ରୋକିବା ଇତ୍ୟାଦି । ଅର୍ଥାତ୍ ଏହା ଦୃଢ଼ ନିଶ୍ଚୟ କରି ଜାଣିନେବା ଉଚିତ ଯେ ବିବାହ ପରେ ପତି-ପତ୍ନୀ ଜଣେ ଅନ୍ୟ ପାଖରେ ବିକ୍ରି ହୋଇଯାନ୍ତି । ଅର୍ଥାତ୍ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଜଣଙ୍କ ପାଖରେ ଯାହା ବି ଅଙ୍ଗ-ପ୍ରତ୍ୟଙ୍ଗ, ମନ, ହୃଦୟ, ହାବ-ଭାବ, ରଜ-ବୀର୍ଯ୍ୟ ଆଦି ନଖରୁ ଶିଖ ପର୍ଯ୍ୟନ୍ତ ସମ୍ପଦ ଥାଏ ତାହା ଅନ୍ୟର ଅଧୀନ ହୋଇଯାଏ । ପତି କି ପତ୍ନୀ, ଜଣେ ଅନ୍ୟର ପ୍ରସନ୍ନତା ବିନା ସେସବୁର କୌଣସି ବ୍ୟବହାର ନ କରିବା ଉଚିତ । ବ୍ୟଭିଚାର ଅର୍ଥାତ୍ ପୁରୁଷର ବେଶ୍ୟାଗମନ ଓ ସ୍ତ୍ରୀର ପରପୁରୁଷ ଗମନାଦି ଦାମ୍ପତ୍ୟ କଳହର ଏକ ପ୍ରମୁଖ କାରଣ । ଏଣୁ ଏଥିରୁ କାୟ-ମନ-ବାକ୍ୟରେ ଉଭୟେ ଦୂରରେ ରହି ନିଜ ସ୍ୱାମୀଙ୍କ ପ୍ରତି ସ୍ତ୍ରୀ ଓ ନିଜ ସ୍ତ୍ରୀଙ୍କ ପ୍ରତି ସ୍ୱାମୀ ସଦା ପ୍ରସନ୍ନ ଓ ସନ୍ତୁଷ୍ଟ ରହିବେ । ସ୍ତ୍ରୀର ପୂଜନୀୟ ଦେବ ସ୍ୱାମୀ ଓ ସ୍ୱାମୀର ପୂଜନୀୟା ଅର୍ଥାତ୍ ସତ୍କାରଯୋଗ୍ୟା ଦେବୀ ସ୍ତ୍ରୀ ଅଟନ୍ତି ।

ଗୃହସ୍ଥ ବ୍ୟକ୍ତି ବ୍ରାହ୍ମଣ ବର୍ଣ୍ଣର ହୋଇଥିଲେ ପୁରୁଷ ବାଳକମାନଙ୍କୁ ଓ ସୁଶିକ୍ଷିତା ସ୍ତ୍ରୀ ବାଳିକାମାନଙ୍କୁ ବିଦ୍ୟା ପଢ଼ାଇବେ ଓ ସୁଶିକ୍ଷା ପ୍ରଦାନ କରିବେ । ବିଭିନ୍ନ ପ୍ରକାରର ଉପଦେଶ ଓ ଜ୍ଞାନ ଦ୍ୱାରା ସେମାନଙ୍କୁ ବିଦ୍ୱାନ୍ କରିବେ । ବାଳକ ଓ ବାଳିକାମାନେ ଗୁରୁକୁଳରେ ଥିବା ସମୟରେ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ପିତା-ମାତା ସଦୃଶ ମନେ କରିବେ । ସେହିପରି ଅଧ୍ୟାପକ-ଅଧ୍ୟାପିକାମାନେ ମଧ୍ୟ ଶିଷ୍ୟ-ଶିଷ୍ୟାମାନଙ୍କୁ ନିଜ ସନ୍ତାନ ସମ ବିଚାର କରିବେ ।

## ପଣ୍ଡିତ ଲକ୍ଷଣ

ପଢ଼ାଇବା ଅଧ୍ୟାପକ ଓ ଅଧ୍ୟାପିକା କିପରି ହେବା ଉଚିତ ? —

**ଆତ୍ମଜ୍ଞାନଂ ସମାରମ୍ଭସ୍ତିତିକ୍ଷା ଧର୍ମନିତ୍ୟତା ।**
**ୟମର୍ଥା ନାପକର୍ଷନ୍ତି ସ ବୈ ପଣ୍ଡିତ ଉଚ୍ୟତେ ॥ ୧ ॥**
**ନିଷେବତେ ପ୍ରଶସ୍ତାନି ନିନ୍ଦିତାନି ନ ସେବତେ ।**
**ଅନାସ୍ତିକଃ ଶ୍ରଦ୍ଦଧାନ ଏତତ୍ ପଣ୍ଡିତଲକ୍ଷଣମ୍ ॥ ୨ ॥**
**କ୍ଷିପ୍ରଂ ବିଜାନାତି ଚିରଂ ଶୃଣୋତି, ବିଜ୍ଞାୟ ଚାର୍ଥଂ ଭଜତେ ନ କାମାତ୍ ।**
**ନାସମ୍ପୃଷ୍ଟୋ ହ୍ୟୁପୟୁଙ୍କ୍ତେ ପରାର୍ଥେ, ତତ୍ପ୍ରଜ୍ଞାନଂ ପ୍ରଥମଂ ପଣ୍ଡିତସ୍ୟ ॥ ୩ ॥**
**ନାପ୍ରାପ୍ୟମଭିବାଞ୍ଛନ୍ତି ନଷ୍ଟଂ ନେଚ୍ଛନ୍ତି ଶୋଚିତୁମ୍ ।**
**ଆପତ୍ସୁ ଚ ନ ମୁହ୍ୟନ୍ତି ନରାଃ ପଣ୍ଡିତବୁଦ୍ଧୟଃ ॥ ୪ ॥**
**ପ୍ରବୃତ୍ତବାକ୍ ଚିତ୍ରକଥ ଊହବାନ୍ ପ୍ରତିଭାନବାନ୍ ।**
**ଆଶୁ ଗ୍ରନ୍ଥସ୍ୟ ବକ୍ତା ଚ ୟଃ ସ ପଣ୍ଡିତ ଉଚ୍ୟତେ ॥ ୫ ॥**
**ଶ୍ରୁତଂ ପ୍ରଜ୍ଞାନୁଗଂ ୟସ୍ୟ ପ୍ରଜ୍ଞା ଚୈବ ଶ୍ରୁତାନୁଗା ।**
**ଅସଂଭିନ୍ନାର୍ୟମର୍ୟାଦଃ ପଣ୍ଡିତାଖ୍ୟାଂ ଲଭେତ ସଃ ॥ ୬ ॥**

(ମହାଭାରତ. ଉଦ୍ୟୋଗ. ବିଦୁର. ୩୩:୨୦,୨୧,୨୭,୨୮,୩୩,୩୪)

ଯାହାଙ୍କର ଆତ୍ମଜ୍ଞାନ ଥାଏ; ଯିଏ ସମ୍ୟକ୍ ଆରମ୍ଭ କରନ୍ତି ଅର୍ଥାତ୍ କେବେ ବି ଅଳସୁଆ-ନିକମା ହୋଇ ରହନ୍ତି

ନାହିଁ; ସୁଖ-ଦୁଃଖ, ହାନି-ଲାଭ, ମାନ-ଅପମାନ, ନିନ୍ଦା-ସ୍ତୁତିରେ କେବେ ହେଁ ହର୍ଷ କି ଶୋକ କରନ୍ତି ନାହିଁ; ଧର୍ମରେ ହିଁ ସଦା ଦୃଢ଼ ରହନ୍ତି; ଯାହାଙ୍କର ମନକୁ ବିଷୟ ଭୋଗ ସମ୍ବନ୍ଧୀୟ ଉତ୍ତମୋତ୍ତମ ପଦାର୍ଥମାନ ଆକର୍ଷିତ କରିପାରେ ନାହିଁ, ସେ ହିଁ **'ପଣ୍ଡିତ'** ପଦବାଚ୍ୟ ଅଟନ୍ତି ॥ ୧ ॥

ସର୍ବଦା ଧର୍ମାନୁକୂଳ କର୍ମର ଅନୁଷ୍ଠାନ; ଅଧର୍ମଯୁକ୍ତ କାର୍ଯ୍ୟ ପରିତ୍ୟାଗ; ଈଶ୍ୱର, ବେଦ ଓ ସତ୍ୟାଚରଣର ନିନ୍ଦା ନ କରିବା; ଈଶ୍ୱର ଆଦିରେ ଅତ୍ୟନ୍ତ ଶ୍ରଦ୍ଧାଳୁ ହେବା – ଏସବୁ **'ପଣ୍ଡିତ'** ବ୍ୟକ୍ତିଙ୍କ କର୍ତ୍ତବ୍ୟାକର୍ତ୍ତବ୍ୟ କର୍ମ ॥ ୨ ॥

ଯିଏ କଠିନ ବିଷୟକୁ ଶୀଘ୍ର ବୁଝିପାରନ୍ତି; ଦୀର୍ଘ ସମୟ ପର୍ଯ୍ୟନ୍ତ ଶାସ୍ତ୍ର ଅଧ୍ୟୟନ, ଶ୍ରବଣ ଓ ମନନ କରନ୍ତି; ଯାହାକିଛି ଜ୍ଞାନ ଲାଭ କରନ୍ତି ତାକୁ ପରୋପକାରରେ ବିନିଯୋଗ କରନ୍ତି; ନିଜ ସ୍ୱାର୍ଥ ପାଇଁ କୌଣସି କାର୍ଯ୍ୟ କରନ୍ତି ନାହିଁ; ନ ପଚାରିବା ପର୍ଯ୍ୟନ୍ତ କିମ୍ବା ଉପଯୁକ୍ତ ସମୟ ନ ଆସିବା ଯାଏଁ ଅଥବା ନ ଜାଣି ଅନ୍ୟର କାର୍ଯ୍ୟରେ ମତାମତ କି ସମ୍ମତି ଦିଅନ୍ତି ନାହିଁ – ସେ ହିଁ **'ପଣ୍ଡିତ'** ଅଟନ୍ତି, ଏସବୁ ପଣ୍ଡିତ ବ୍ୟକ୍ତିଙ୍କ ପ୍ରଥମ ପ୍ରଜ୍ଞାନ ॥ ୩ ॥

ଯେଉଁମାନେ ଅପ୍ରାପ୍ୟ ବସ୍ତୁ ପାଇବାକୁ କେବେ ବି ଇଚ୍ଛା ପୋଷଣ କରନ୍ତି ନାହିଁ; ନଷ୍ଟ ହୋଇଯାଇଥିବା ପଦାର୍ଥ ପାଇଁ ଶୋଚନା କରନ୍ତି ନାହିଁ; ବିପଦ-ଆପଦ ସମୟରେ ମୁହ୍ୟମାନ ବା ଅଧୀର ନ ହୋଇ ଧୈର୍ଯ୍ୟଧାରଣ କରନ୍ତି; ସେମାନେ ହିଁ ବୁଦ୍ଧିମାନ୍ **'ପଣ୍ଡିତ'** ଅଟନ୍ତି ॥ ୪ ॥

ଯାହାଙ୍କ ବାଣୀ ସକଳ ବିଦ୍ୟା ଓ ପ୍ରଶ୍ନୋତ୍ତର କରିବାରେ ଅତି ନିପୁଣ; ଯିଏ ଶାସ୍ତ୍ରୀୟ ପ୍ରକରଣଗୁଡ଼ିକର ରହସ୍ୟୋଦ୍‌ଘାଟନରେ ବିଚିତ୍ର ବକ୍ତା; ଯିଏ ତର୍କକୁଶଳ ଓ ବିଲକ୍ଷଣ ସ୍ମୃତିମାନ୍; ଯିଏ ଶାସ୍ତ୍ରମାନଙ୍କର ଗୂଢ଼ ଅର୍ଥଗୁଡ଼ିକୁ ସହଜରେ ବ୍ୟକ୍ତ କରିପାରନ୍ତି, ତାଙ୍କୁ ହିଁ **'ପଣ୍ଡିତ'** କୁହାଯାଏ ॥ ୫ ॥

ଯାହାଙ୍କର ଶ୍ରୁତ ବିଷୟ ବୁଦ୍ଧିର ଅନୁକୂଳ ଅର୍ଥାତ୍ ଯିଏ ଯୁକ୍ତିଯୁକ୍ତ କଥା ଶ୍ରବଣ, ଗ୍ରହଣ କରନ୍ତି ଏବଂ ଯାହାଙ୍କ ପ୍ରଜ୍ଞା ଶୁଣାଯାଇଥିବା ସତ୍ୟ ଅର୍ଥର ଅନୁକୂଳ; ଯିଏ ଆର୍ଯ୍ୟ ଅର୍ଥାତ୍ ଶ୍ରେଷ୍ଠ, ଧାର୍ମିକ ପୁରୁଷମାନଙ୍କ ମର୍ଯ୍ୟାଦା ଉଲ୍ଲଙ୍ଘନ କରନ୍ତି ନାହିଁ, ସେ ହିଁ **'ପଣ୍ଡିତ'** ପଦବାଚ୍ୟ ହୋଇଥାନ୍ତି ॥ ୬ ॥

ଯେଉଁଠି ଏପରି ଯୋଗ୍ୟ ଅଧ୍ୟାପକ ଓ ଅଧ୍ୟାପିକା ଅଧ୍ୟାପନା କାର୍ଯ୍ୟ କରନ୍ତି ସେଠାରେ ବିଦ୍ୟା, ଧର୍ମ ଓ ଉତ୍ତମ ଆଚରଣର ଅଭିବୃଦ୍ଧି ହୋଇ ନିତ୍ୟ ଆନନ୍ଦ ବୃଦ୍ଧି ହୋଇଥାଏ ।

## ମୂର୍ଖଙ୍କ ଲକ୍ଷଣ

ଅଧ୍ୟାପନା କରିବା ପାଇଁ ଅଯୋଗ୍ୟ ବ୍ୟକ୍ତି ଓ ମୂର୍ଖଙ୍କ ଲକ୍ଷଣ —

**ଅଶ୍ରୁତଶ୍ଚ ସମୁନ୍ନଦ୍ଧୋ ଦରିଦ୍ରଶ୍ଚ ମହାମନାଃ ।**
**ଅର୍ଥାଂଶ୍ଚାଽକର୍ମଣା ପ୍ରେପ୍ସୁର୍ମୂଢ଼ ଇତ୍ୟୁଚ୍ୟତେ ବୁଧୈଃ ॥ ୧ ॥**
**ଅନାହୂତଃ ପ୍ରବିଶତି ହ୍ୟପୃଷ୍ଟୋ ବହୁ ଭାଷତେ ।**
**ଅବିଶ୍ୱସ୍ତେ ବିଶ୍ୱସିତି ମୂଢ଼ଚେତା ନରାଧମଃ ॥ ୨ ॥** (ମହାଭାରତ.ଉଦ୍ୟୋଗ. ୩୩:୩୫,୪୧)

ଯିଏ କୌଣସି ଶାସ୍ତ୍ର ନ ପଢ଼ି ନ ଶୁଣି ବୃଥାରେ ଅତି ଅଭିମାନୀ, ଦରିଦ୍ର ହୋଇ ମଧ୍ୟ ବଡ଼-ବଡ଼ ମନୋରଥ ପୋଷଣକାରୀ, ବିନା କର୍ମରେ ଫଳ ପ୍ରାପ୍ତିର ଇଚ୍ଛାକାରୀ, ତାହାକୁ ବୁଦ୍ଧିମାନ୍ ଲୋକେ **'ମୂଢ଼'** ବୋଲି କହିଥାନ୍ତି ॥ ୧ ॥

ଯେଉଁ ବ୍ୟକ୍ତି ବିନା ନିମନ୍ତ୍ରଣରେ କୌଣସି ସଭାରେ ବା କାହା ଗୃହରେ ପ୍ରବେଶ କରି, ଉଚ୍ଚ ଆସନରେ ବସିବାକୁ ଚାହେଁ, ପଚରା ନ ଯାଇଥିଲେ ବି ସଭାରେ ଅନର୍ଗଳ ପ୍ରଳାପ କରେ, ବିଶ୍ୱାସର ଅଯୋଗ୍ୟ ବସ୍ତୁ ବା ମନୁଷ୍ୟକୁ ବିଶ୍ୱାସ କରେ,

ସେହି ଲୋକକୁ **'ମୂଢ଼'** ଓ **'ନରାଧମ'** ବା ମଣିଷମାନଙ୍କ ମଧ୍ୟରେ 'ନୀଚ ବ୍ୟକ୍ତି' ବୋଲି କୁହାଯାଏ ॥ ୨ ॥

ଯେଉଁଠାରେ ଏପରି ବ୍ୟକ୍ତିମାନେ ଅଧ୍ୟାପକ, ଉପଦେଶକ, ଗୁରୁ ଓ ପୂଜ୍ୟ ହୋଇଥାନ୍ତି, ସେଠାରେ ଅବିଦ୍ୟା, ଅଧର୍ମ, ଅସଭ୍ୟତା, କଳହ, ବିରୋଧ ଓ ବିଭେଦ ବଢ଼ି ଦୁଃଖ ହିଁ ବୃଦ୍ଧି ପାଇଥାଏ ।

## ବିଦ୍ୟାର୍ଥୀର ଲକ୍ଷଣ

ବର୍ତ୍ତମାନ ବିଦ୍ୟାର୍ଥୀର ଲକ୍ଷଣ —

**ଆଲସ୍ୟଂ ମଦମୋହୌ ଚ ଚାପଲଂ ଗୋଷ୍ଠିରେବ ଚ ।**
**ସ୍ତବ୍ଧତା ଚାଭିମାନିତ୍ୱଂ ତଥାଽତ୍ୟାଗିତ୍ୱମେବ ଚ ।**
**ଏତେ ବୈ ସପ୍ତ ଦୋଷାଃ ସ୍ୟୁଃ ସଦା ବିଦ୍ୟାର୍ଥିନାଂ ମତାଃ ॥ ୧ ॥**
**ସୁଖାର୍ଥିନଃ କୁତୋ ବିଦ୍ୟା କୁତୋ ବିଦ୍ୟାର୍ଥିନଃ ସୁଖମ୍ ।**
**ସୁଖାର୍ଥୀ ବା ତ୍ୟଜେଦ୍ୱିଦ୍ୟାଂ ବିଦ୍ୟାର୍ଥୀ ବା ତ୍ୟଜେତ୍ ସୁଖମ୍ ॥ ୨ ॥**

(ମହାଭାରତ.ଉଦ୍ୟୋଗ. ୪୦:୫,୬)

ଆଳସ୍ୟ ଅର୍ଥାତ୍ ଶରୀର ଓ ବୁଦ୍ଧିରେ ଜଡ଼ତା; ନିଶା, ମୋହ ବା କୌଣସି ବସ୍ତୁରେ ଅତିଶୟ ଆସକ୍ତି; ଚପଳତା; ଇଆଡୁ-ସିଆଡୁ ଅନାବଶ୍ୟକ କଥା କହିବା-ଶୁଣିବା, ଗପମାରିବା; ଅଧ୍ୟୟନ କରୁକରୁ ଅଟକିବା; ଅଭିମାନ; ତ୍ୟାଗଭାବନାର ଅଭାବ - ଏ ସାତୋଟି ବିଦ୍ୟାର୍ଥୀମାନଙ୍କ ପକ୍ଷରେ ଦୋଷ-ଦୁର୍ଗୁଣ ଅଟେ ॥ ୧ ॥ ଏପରି ଦୋଷଯୁକ୍ତ ବିଦ୍ୟାର୍ଥୀ କଦାପି ବିଦ୍ୟା ଲାଭ କରିପାରନ୍ତି ନାହିଁ ।

ସୁଖଭୋଗ ଇଚ୍ଛା କରୁଥିବା ବ୍ୟକ୍ତିଙ୍କୁ ବିଦ୍ୟା କୁଆଡୁ ପ୍ରାପ୍ତ ହେବ ? ଏବଂ ବିଦ୍ୟା ଅଧ୍ୟୟନରେ ରତ ବ୍ୟକ୍ତି ପକ୍ଷରେ ସୁଖ-ଭୋଗ କିପରି ସମ୍ଭବ ? ଏଣୁ ବିଷୟସୁଖ ଚାହୁଁଥିବା ବ୍ୟକ୍ତିଙ୍କୁ ବିଦ୍ୟା ଛାଡ଼ିବାକୁ ହେବ ଏବଂ ବିଦ୍ୟାର୍ଥୀ ହେଲେ ବିଷୟସୁଖ ପରିତ୍ୟାଗ କରିବାକୁ ପଡ଼ିବ ॥ ୨ ॥

ଉପରୋକ୍ତ ବିଷୟଗୁଡ଼ିକର ଅନୁପାଳନ ନ କଲେ ବିଦ୍ୟାପ୍ରାପ୍ତି କଦାପି ହୋଇପାରିବ ନାହିଁ । ନିମ୍ନ ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ ବ୍ୟକ୍ତିଙ୍କୁ ବିଦ୍ୟା ପ୍ରାପ୍ତ ହୋଇଥାଏ —

**ସତ୍ୟେ ରତାନାଂ ସତତଂ ଦାନ୍ତାନାମୂର୍ଦ୍ଧ୍ୱରେତସାମ୍ ।**
**ବ୍ରହ୍ମଚର୍ଯ୍ୟଂ ଦହେଦ୍ରାଜନ୍ ସର୍ବପାପାନ୍ୟୁପାସିତମ୍ ॥** (ମହାଭାରତ. ଅନୁଶାସନ, ୭୫:୩୮)

ଯେଉଁମାନେ ସର୍ବଦା ସତ୍ୟାଚରଣ-ପରାୟଣ, ଜିତେନ୍ଦ୍ରିୟ ଓ ଊର୍ଦ୍ଧ୍ୱରେତା ଅର୍ଥାତ୍ ଯାହାଙ୍କ ବୀର୍ଯ୍ୟ କେବେ ସ୍ଖଳିତ ହୁଏ ନାହିଁ, ସେମାନଙ୍କ ବ୍ରହ୍ମଚର୍ଯ୍ୟ ହିଁ ଯଥାର୍ଥ ଏବଂ ସେହିମାନେ ହିଁ ବିଦ୍ୱାନ୍ ହୁଅନ୍ତି ।

ଏଣୁ ଅଧ୍ୟାପକ ଓ ବିଦ୍ୟାର୍ଥୀମାନେ ଉତ୍ତମ ଲକ୍ଷଣ ସମ୍ପନ୍ନ ହେବା ଉଚିତ । ଅଧ୍ୟାପକମାନେ ଏପରି ପ୍ରଯତ୍ନ କରିବେ ଯେପରିକି ବିଦ୍ୟାର୍ଥୀମାନେ ସତ୍ୟମାନୀ, ସତ୍ୟବାଦୀ, ସତ୍ୟକାରୀ, ସଭ୍ୟ, ଜିତେନ୍ଦ୍ରିୟ ଓ ସୁଶୀଳ ଆଦି ହେବେ । ତା' ସହ ବିଦ୍ୟାର୍ଥୀମାନେ ଶାରୀରିକ ଓ ଆତ୍ମିକ ବଳ ବୃଦ୍ଧି କରି ସକଳ ବେଦାଦି ଶାସ୍ତ୍ରରେ ଯେପରି ବିଦ୍ୱାନ୍ ହେବେ ସେଥିପାଇଁ ଅଧ୍ୟାପକଗଣ ଯତ୍ନବାନ୍ ହେବେ । ସେମାନଙ୍କ ଦୁର୍ଗୁଣ, ଦୁର୍ବ୍ୟସନ ଦୂର କରିବା ତଥା ବିଦ୍ୟା ବୃଦ୍ଧି କରିବା ପାଇଁ ସତତ ଚେଷ୍ଟା କରିବେ । ବିଦ୍ୟାର୍ଥୀଗଣ ବି ସର୍ବଦା ଜିତେନ୍ଦ୍ରିୟ, ଶାନ୍ତ, ଅଧ୍ୟୟନପ୍ରିୟ, ବିଚାରଶୀଳ, ପରିଶ୍ରମୀ ହୋଇ ଏପରି ପୁରୁଷାର୍ଥ କରିବେ ଯଦ୍ଦ୍ୱାରା ପୂର୍ଣ୍ଣ ବିଦ୍ୟା ଓ ପୂର୍ଣ୍ଣ ଆୟୁ ପ୍ରାପ୍ତ କରିବା ସହ ପୂର୍ଣ୍ଣତଃ ଧର୍ମାଚରଣ

ଓ ନିରନ୍ତର ପୁରୁଷାର୍ଥ କରିବାରେ ସମର୍ଥ ହେବେ । ଏସବୁ ବ୍ରାହ୍ମଣ ବର୍ଣ୍ଣସ୍ଥ ବ୍ୟକ୍ତିଙ୍କ କାର୍ଯ୍ୟ ।

କ୍ଷତ୍ରିୟମାନଙ୍କ କର୍ମ ରାଜଧର୍ମ ଅଧ୍ୟାୟରେ (ଷଷ୍ଠ ସମୁଲ୍ଲାସରେ) କୁହାଯିବ ।

ବୈଶ୍ୟମାନେ ବ୍ରହ୍ମଚର୍ଯ୍ୟ ଆଶ୍ରମରେ ବେଦାଦି ଶାସ୍ତ୍ର ଅଧ୍ୟୟନ କରିବା ପରେ ବିବାହ କରିବେ । ବିଭିନ୍ନ ଦେଶୀୟ ଭାଷା ଶିଖିବେ; ବିଭିନ୍ନ ପ୍ରକାର ବ୍ୟାପାରିକ କୌଶଳ ଶିକ୍ଷା କରିବେ; ପଦାର୍ଥମାନଙ୍କର ପ୍ରଚଳିତ ମୂଲ୍ୟ ବୁଝି କ୍ରୟ-ବିକ୍ରୟ କରିବେ; ବାଣିଜ୍ୟ ନିମନ୍ତେ ଦ୍ୱୀପ-ଦ୍ୱୀପାନ୍ତରକୁ ଗମନାଗମନ କରିବେ; ଲାଭଜନକ ବ୍ୟବସାୟରେ ପ୍ରବୃତ୍ତ ହେବେ; ପଶୁପାଳନ ଓ କୃଷିର ଉନ୍ନତି ବୁଦ୍ଧିପୂର୍ବକ କରିବେ-କରାଇବେ । **ବାଣିଜ୍ୟାଦି ଦ୍ୱାରା ଧନ ବୃଦ୍ଧି କରିବା ସହ ଏ ଧନକୁ ବିଦ୍ୟା ଓ ଧର୍ମର ଉନ୍ନତି ସାଧନରେ ବ୍ୟୟ କରିବେ ।** ସତ୍ୟବାଦୀ ଓ ନିଷ୍କପଟ ହୋଇ ସତ୍ୟର ଆଶ୍ରୟରେ ବ୍ୟାପାର କରିବେ । ସମସ୍ତ ପଦାର୍ଥର ଏପରି ସୁରକ୍ଷା କରିବେ ଯେପରିକି କୌଣସି ପଦାର୍ଥ ଆଦୌ ନଷ୍ଟ ନ ହେବ ।

ଶୂଦ୍ରମାନେ ସକଳ ପ୍ରକାର ଶାରୀରିକ ସେବାରେ କୁଶଳ, ପାକବିଦ୍ୟାରେ ନିପୁଣ ହେବେ । ଅତି ଶ୍ରଦ୍ଧାରେ ଦ୍ୱିଜମାନଙ୍କ ସେବା କରିବେ ଓ ତଦ୍ଦ୍ୱାରା ନିଜ ଜୀବିକା ଅର୍ଜନ କରିବେ । ଦ୍ୱିଜମାନେ ଶୂଦ୍ରମାନଙ୍କ କାର୍ଯ୍ୟର ମୂଲ୍ୟସ୍ୱରୂପ ସେମାନଙ୍କ ଭୋଜନ, ପାନ, ପରିଧାନ, ନିବାସ ଓ ବିବାହାଦିର ସମସ୍ତ ବ୍ୟୟଭାର ବହନ କରିବେ, ନତୁବା ସେମାନଙ୍କୁ ମାସିକ ବେତନ ଦେବେ ।

ଏପରି ଭାବେ ଚାରି ବର୍ଣ୍ଣର ଲୋକେ ନିଜ-ନିଜର କର୍ତ୍ତବ୍ୟ ସମ୍ପାଦନ କରି ପରସ୍ପର ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟ ଓ ସୌଜନ୍ୟ ରକ୍ଷାପୂର୍ବକ ବସବାସ କରିବେ । ସୁଖ-ଦୁଃଖ, ହାନି-ଲାଭରେ ପରସ୍ପର ପ୍ରତି ସହାନୁଭୂତିଶୀଳ ହୋଇ ପରସ୍ପରର ଉପକାର ସାଧନରେ ସଂଲଗ୍ନ ରହିବେ । ରାଜ୍ୟ ଓ ସମାଜର ସର୍ବାଙ୍ଗୀଣ ଉନ୍ନତି ସାଧନ ନିମନ୍ତେ ସମସ୍ତେ ଏକମନ, ଏକପ୍ରାଣ ହୋଇ ଶାରୀରିକ, ମାନସିକ ଓ ଆର୍ଥିକ ସହଯୋଗ କରିବେ ।

ଗୃହସ୍ଥ ଜୀବନରେ ପତି ଓ ପତ୍ନୀଙ୍କ ମଧ୍ୟରେ ବିଚ୍ଛେଦ ଅର୍ଥାତ୍ ଦୂର-ଦୂରରେ ଅବସ୍ଥାନାଦି କେବେ ବି ହେବା ଉଚିତ ନୁହେଁ । କାରଣ —

**ପାନଂ ଦୁର୍ଜନସଂସର୍ଗଃ ପତ୍ୟା ଚ ବିରହୋଽଟନମ୍ ।**
**ସ୍ୱପ୍ନୋଽନ୍ୟଗେହବାସଶ୍ଚ ନାରୀସନ୍ଦୂଷଣାନି ଷଟ୍ ॥** (ମନୁ. ୯:୧୩)

ମଦ୍ୟ, ଭାଙ୍ଗ ଆଦି ମାଦକ ଦ୍ରବ୍ୟ ସେବନ; ଦୁର୍ଜନଙ୍କ ସଙ୍ଗ; ପତିଙ୍କ ବିଚ୍ଛେଦ; ଏକାକିନୀ ଭଣ୍ଡ ବାବା-ମାତା, ପାଖଣ୍ଡୀ ଆଦିଙ୍କ ଦର୍ଶନ କାମନାରେ ଇତସ୍ତତଃ ତଥାକଥିତ ତୀର୍ଥାଦି ବୃଥା ଭ୍ରମଣ; ପରଗୃହରେ ଶୟନ ଓ ଅନ୍ୟ ଗୃହରେ ବାସ - ଏ ଛଅଟି ନାରୀକୁ ଦୂଷିତକାରୀ କାର୍ଯ୍ୟ ଅଟେ । ଏ ସବୁ କାର୍ଯ୍ୟ ପୁରୁଷ ପକ୍ଷେ ବି ଦୋଷାବହ ଅଟେ ।

ପତି-ପତ୍ନୀଙ୍କ ମଧ୍ୟରେ ଦୁଇଟି ସ୍ଥିତିରେ ବିଚ୍ଛେଦ ଘଟିଥାଏ । ପ୍ରଥମ- କାର୍ଯ୍ୟବଶତଃ ଦେଶାନ୍ତର ଯିବା ଓ ଦ୍ୱିତୀୟ- ଉଭୟଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହେବା । ପ୍ରଥମ ବିଚ୍ଛେଦର ପ୍ରତିକାର ଉପାୟ ହେଲା, ଦୂର ଦେଶକୁ ଦୀର୍ଘ ଦିନ ପାଇଁ ଯାତ୍ରା କଲେ ସ୍ତ୍ରୀକୁ ବି ସାଙ୍ଗରେ ନେଇଯିବା ଉଚିତ । କାରଣ ପତି-ପତ୍ନୀଙ୍କ ମଧ୍ୟରେ ଦୀର୍ଘକାଳୀନ ବିଚ୍ଛେଦ ଅନୁଚିତ ।

## ପୁନର୍ବିବାହ ବିଚାର

**ପ୍ରଶ୍ନ —** କୌଣସି ନାରୀ ବା ପୁରୁଷ ବହୁ ବିବାହ କରିବା ଉଚିତ ନା ନୁହେଁ ?

**ଉତ୍ତର —** ଯୁଗପତ୍ ଅର୍ଥାତ୍ ଏକସମୟରେ ବହୁ ବିବାହ କରିବା ଅନୁଚିତ ।

**ପ୍ରଶ୍ନ —** ତେବେ କ'ଣ ସମୟାନ୍ତରରେ ବହୁ ବିବାହ କରିବା ଉଚିତ ?

**ଉତ୍ତର —** ହଁ । ଯଥା -

**ୟା ସ୍ତ୍ରୀ ତ୍ୱକ୍ଷତୟୋନିଃ ସ୍ୟାଦ୍ ଗତପ୍ରତ୍ୟାଗତାପି ବା ।**

**ପୌନର୍ଭବେନ ଭର୍ତ୍ତ୍ରା ସା ପୁନଃ ସଂସ୍କାରମର୍ହତି ॥** (ମନୁ. ୯:୧୭୬)

ଯେଉଁ ନାରୀ ବା ପୁରୁଷର କେବଳ ପାଣିଗ୍ରହଣ ସଂସ୍କାର ସଂପନ୍ନ ହୋଇଥିବ; କିନ୍ତୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ପାରସ୍ପରିକ ସଂଯୋଗ ହୋଇ ନ ଥିବ, ଅର୍ଥାତ୍ ନାରୀ ଅକ୍ଷତଯୋନି ଓ ପୁରୁଷ ଅକ୍ଷତବୀର୍ଯ୍ୟ ଥିବେ, ସେହି ନାରୀ ଓ ପୁରୁଷଙ୍କର ଯଥାକ୍ରମେ ଅନ୍ୟ ପୁରୁଷ ଓ ନାରୀ ସହ ପୁନର୍ବିବାହ ହୋଇପାରିବ । ଶୂଦ୍ର ବର୍ଣ୍ଣରେ ତ କୌଣସି ସ୍ଥିତିରେ ବି ପୁନର୍ବିବାହ ହୋଇପାରିବ । କିନ୍ତୁ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ବର୍ଣ୍ଣରେ କ୍ଷତଯୋନି ସ୍ତ୍ରୀ ବା କ୍ଷତବୀର୍ଯ୍ୟ ପୁରୁଷର ପୁନର୍ବିବାହ ନ ହେବା ଉଚିତ ।

**ପ୍ରଶ୍ନ —** ପୁନର୍ବିବାହରେ ଦୋଷ କ'ଣ ?

**ଉତ୍ତର —** ପୁନର୍ବିବାହରେ ଅନେକ ଦୋଷ ଅଛି । ଯଥା -

**୧.** ପୁନର୍ବିବାହର ବ୍ୟବସ୍ଥା ବା ସୁବିଧା ରହିଲେ ପତି-ପତ୍ନୀଙ୍କ ମଧ୍ୟରେ ପ୍ରେମ ନ୍ୟୂନ ରହେ । ଯେହେତୁ କି କୌଣସି ବି ବିବାହିତ ସ୍ତ୍ରୀ ବା ପୁରୁଷ ଯେତେବେଳେ ଇଚ୍ଛା ସେତେବେଳେ ନିଜର ପତି ବା ପତ୍ନୀକୁ ତ୍ୟାଗ କରି ଅନ୍ୟ କୌଣସି ପୁରୁଷ ବା ସ୍ତ୍ରୀକୁ ପତି-ପତ୍ନୀ ରୂପେ ଗ୍ରହଣ କରିପାରିବ ।

**୨.** ପତି-ପତ୍ନୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଲେ ଅନ୍ୟ ଜଣେ ଯଦି ପୁନର୍ବିବାହ କରେ ତେବେ ମୃତ ବ୍ୟକ୍ତିର (ଦିବଙ୍ଗତ ପତ୍ନୀ ବା ପତିର) ସମ୍ପତ୍ତିକୁ ହସ୍ତଗତ କରିନେବାକୁ ସେ ଚାହିଁବ । ତଦ୍ୱାରା ସେହି ମୃତ ବ୍ୟକ୍ତିର ପରିବାର ଲୋକଙ୍କ ସହ ତା'ର ଅଯଥା କଳହ ସୃଷ୍ଟି ହେବ ।

**୩.** ଅନେକ ପ୍ରତିଷ୍ଠିତ କୁଳର ନାମ ଲୋପ ପାଇଯାଏ, ଅସ୍ତିତ୍ୱର ଚିହ୍ନବର୍ତ୍ତ ବି ରହେ ନାହିଁ, ଧନ-ସମ୍ପଦ ନଷ୍ଟ-ଭ୍ରଷ୍ଟ ହୋଇଯାଏ ।

**୪.** ପାତିବ୍ରତ୍ୟ ଓ ପତ୍ନୀବ୍ରତ ଧର୍ମ ନଷ୍ଟ ହୋଇଯାଏ ।

ଏଭଳି ଅନେକ ପ୍ରକାର ଦୋଷ କାରଣରୁ ଦ୍ୱିଜମାନେ ପୁନର୍ବିବାହ ନ କରିବା ଉଚିତ । ବହୁ ବିବାହ କେବେ ବି କରିବା ଉଚିତ ନୁହେଁ ।

**ପ୍ରଶ୍ନ —** ଯଦି ବଂଶରେ ସନ୍ତାନ ନ ଥାନ୍ତି ତେବେ ପୁନର୍ବିବାହ ନ କଲେ ବଂଶ ଲୋପ ପାଇଯିବ । ତା'ଛଡ଼ା ପୁନର୍ବିବାହ ବ୍ୟବସ୍ଥା ନ ରହିଲେ ବିଧବା ଓ ବିଧୁରମାନେ ବ୍ୟଭିଚାରାଦି କର୍ମ କରି ଗର୍ଭପାତ ଭଳି ବହୁ ଦୁଷ୍କର୍ମ କରିବେ । ଏଣୁ ପୁନର୍ବିବାହ ବ୍ୟବସ୍ଥା ରହିବା ଭଲ ।

**ଉତ୍ତର —** ବଂଶପରମ୍ପରା ରକ୍ଷା ପାଇଁ ନିଜ ବର୍ଣ୍ଣର କୌଣସି ସନ୍ତାନକୁ ପୋଷ୍ୟସନ୍ତାନ ରୂପେ ଗ୍ରହଣ କଲେ ବଂଶ ରକ୍ଷା ହୋଇଯିବ । ଯଦି ବିଧବା ସ୍ତ୍ରୀ ଓ ବିଧୁର ପୁରୁଷମାନେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବାକୁ ଚାହାଁନ୍ତି ତେବେ ତ ବ୍ୟଭିଚାରାଦି କୌଣସି ନିନ୍ଦନୀୟ କର୍ମର ସମସ୍ୟା ନାହିଁ । ଯେଉଁମାନେ ପୂର୍ଣ୍ଣତଃ ବ୍ରହ୍ମଚର୍ଯ୍ୟରେ ରହିପାରିବେ ନାହିଁ ସେମାନେ ନିୟୋଗ ପଦ୍ଧତିରେ ସନ୍ତାନୋତ୍ପନ୍ନ କରିବେ ।

***(କ୍ରମଶଃ....)***

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❖❖❖

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୪୨୧ | ୪୨୫ | ୮୪୬ | ୧୭. | ଭଦ୍ରକ | ୧୯ | ୨୪ | ୪୩ |
| ୦୨. | ଖୋର୍ଦ୍ଧା | ୨୬୦ | ୧୬୭ | ୪୨୭ | ୧୮. | ବୌଦ୍ଧ | ୧୬ | ୮୮ | ୧୦୪ |
| ୦୩. | କଟକ | ୨୦୭ | ୩୦୮ | ୫୧୫ | ୧୯. | ଜଗତସିଂହପୁର | ୧୬ | ୧୩ | ୨୯ |
| ୦୪. | ସୁନ୍ଦରଗଡ଼ | ୧୯୬ | ୪୦୫ | ୬୦୧ | ୨୦. | ନୟାଗଡ଼ | ୧୫ | ୧୬ | ୩୧ |
| ୦୫. | ବରଗଡ଼ | ୧୬୧ | ୨୨୨ | ୩୮୩ | ୨୧. | ଝାରସୁଗୁଡ଼ା | ୧୪ | ୦୧ | ୧୫ |
| ୦୬. | କୋରାପୁଟ | ୭୮ | ୧୧୦ | ୧୮୮ | ୨୨. | ଢେଙ୍କାନାଳ | ୧୧ | ୩୬ | ୪୭ |
| ୦୭. | ବଲାଙ୍ଗିର | ୬୯ | ୧୭୭ | ୨୪୬ | ୨୩. | ଯାଜପୁର | ୦୮ | ୪୨ | ୫୦ |
| ୦୮. | ସୁବର୍ଣ୍ଣପୁର | ୫୬ | ୧୫୨ | ୨୦୮ | ୨୪. | କଳାହାଣ୍ଡି | ୦୮ | ୦୮ | ୧୬ |
| ୦୯. | ରାୟଗଡ଼ା | ୫୧ | ୮୦ | ୧୩୧ | ୨୫. | କେନ୍ଦୁଝର | ୦୭ | ୦୪ | ୧୧ |
| ୧୦. | ସମ୍ବଲପୁର | ୪୯ | ୭୭ | ୧୨୬ | ୨୬. | କେନ୍ଦ୍ରାପଡ଼ା | ୦୬ | ୧୬ | ୨୨ |
| ୧୧. | ଅନୁଗୁଳ | ୪୬ | ୧୪୫ | ୧୯୧ | ୨୭. | ଗଜପତି | ୦୭ | ୧୨ | ୧୯ |
| ୧୨. | ବାଲେଶ୍ୱର | ୪୦ | ୨୪ | ୬୪ | ୨୮. | ଦେବଗଡ଼ | ୦୨ | ୧୧ | ୧୩ |
| ୧୩. | ମୟୂରଭଞ୍ଜ | ୩୯ | ୪୫ | ୮୪ | ୨୯. | ନୂଆପଡ଼ା | ୦୨ | ୦୫ | ୦୭ |
| ୧୪. | ପୁରୀ | ୩୯ | ୨୧ | ୬୦ | ୩୦. | ନବରଙ୍ଗପୁର | ୦୧ | ୦୩ | ୦୪ |
| ୧୫. | ମାଲକାନଗିରି | ୩୦ | ୬୧ | ୯୧ | ୩୧. | ଅନ୍ୟାନ୍ୟ | ୫୩ | ୨୦ | ୭୩ |
| ୧୬. | କନ୍ଧମାଳ | ୨୬ | ୧୨୨ | ୧୪୮ | | **ମୋଟ** | **୧୯୫୩** | **୨୮୪୦** | **୪୭୯୩** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ବର୍ତ୍ତମାନ

ସୁନ୍ଦ୍ରା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୮୦ | ୯୦ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୬୨ | ୦୮ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୫୧ | ୧୧ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୪୨ | ୬୬ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୩୬ | ୨୫ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୩୩ | ୧୯ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୨ | ୮୦ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୧୦ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୩୧ | ୩୬ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୩୦ | ୧୭ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୨୮ | ୭୯ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୮ | ୪୬ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୨୮ | ୪୧ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୨୪ | ୫୭ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୩ | ୦୧ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୩ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୧ | ୩୦ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୮ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୧୧ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୭ | ୧୧ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୭ | ୦୪ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୧୬ | ୩୫ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୬ | ୨୪ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୧୫ | ୬୨ |
| ବେଦ ପ୍ରଚାର ସମିତି, ଜୟପୁର | | ୧୫ | ୧୦ |
| ବେଦ ପ୍ରଚାର ସମିତି, କଟକ | | ୧୪ | ୬୨ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୪ | ୨୩ |
| ଇଂ. କାଳୁଚରଣ ବେହେରା | କଟକ | ୧୪ | ୦୫ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୪ | ୦୩ |
| ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୩ | ୧୩ |
| ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୩ | ୦୮ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୧୩ | ୦୭ |
| ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୨ | ୩୯ |
| ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୧୩ |
| ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୨ | ୦୧ |
| ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୧୧ | ୨୨ |
| ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୧ | ୦୮ |
| ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୬ |
| ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପୁର | | ୧୧ | ୦୧ |
| ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୨୮ |
| ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୧୬ |
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୦ | ୦୪ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୦ | ୦୦ |
| ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୦୯ | ୪୮ |
| ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୦୯ | ୨୧ |
| ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୦୯ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୦୮ | ୪୩ |
| ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୦୮ | ୨୨ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୧୩ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୧ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |

କ୍ରମଶଃ...

# ସମାଚାର ସଂସାର

## ଶ୍ରୁତିନ୍ୟାସର ସଦସ୍ୟ ହୁଅନ୍ତୁ-ବେଦ ପ୍ରଚାରରେ ସହଯୋଗ କରନ୍ତୁ

ବେଦ ପ୍ରଚାରକୁ ଅଧିକ ଗତିବାନ୍ କରିବା ପାଇଁ ଶ୍ରୁତିନ୍ୟାସ ପକ୍ଷରୁ ଏକ 'ବୈଦିକ ଧର୍ମ ପ୍ରସାର ନିଧି' ସ୍ଥାପନ କରାଯାଇଛି । ଶ୍ରୁତିନ୍ୟାସର ବେଦ ପ୍ରଚାର କାର୍ଯ୍ୟରେ ପ୍ରଭାବିତ ହୋଇ ବହୁ ବ୍ୟକ୍ତି ଶ୍ରୁତିନ୍ୟାସ ସହ ସହଯୋଗ କରି ଓଡ଼ିଶାରେ ବେଦ ପ୍ରଚାର କାର୍ଯ୍ୟକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏଣୁ ସେଭଳି ଶ୍ରଦ୍ଧାଳୁ ବେଦପ୍ରେମୀମାନଙ୍କୁ ଶ୍ରୁତିନ୍ୟାସର ବିବିଧ ସଦସ୍ୟତା ଯୋଜନାରେ ନ୍ୟାସର ଅନ୍ତର୍ଭୁକ୍ତ କରି ବେଦ ପ୍ରଚାର କାର୍ଯ୍ୟକୁ ଆହୁରି ବ୍ୟାପକ କରାଯିବା ପାଇଁ ସଦସ୍ୟତା ଯୋଜନା ବ୍ୟାପକ କରିବାକୁ ସ୍ଥିର କରାଗଲା । ଅତଃ ଶ୍ରଦ୍ଧାଳୁ ବେଦ ପ୍ରେମୀମାନଙ୍କୁ ବିନମ୍ର ନିବେଦନ ସେମାନେ କୌଣସି ଏକ ସଦସ୍ୟତା ଗ୍ରହଣ କରି ବେଦ ପ୍ରଚାର ପୁଣ୍ୟର ଭାଗୀ ହୁଅନ୍ତୁ । ଶାସ୍ତ୍ରରେ କୁହାଯାଇଛି- **'ସର୍ବେଷାମେବଦାନାନଂ ବ୍ରହ୍ମଦାନଂ ବିଶିଷ୍ୟତେ'**(ମନୁ)- ବେଦ ପ୍ରଚାର ପାଇଁ ଦାନ ଦେବା ସବୁଠୁ ପବିତ୍ର ଦାନ । ନିମ୍ନମତେ ଆର୍ଥିକ ସହଯୋଗ ପ୍ରଦାନ ପୂର୍ବକ ବେଦ ପ୍ରେମୀମାନେ ଶ୍ରୁତିନ୍ୟାସର ସଦସ୍ୟ ହୋଇପାରିବେ ।

**ସଦସ୍ୟତା ଯୋଜନା**

| | | |
|---|---|---|
| ବୈଦିକ ଧର୍ମ ପ୍ରସାରକ | - | ମାସିକ ₹ ୧୦୦/- ବା ତଦୂର୍ଦ୍ଧ୍ୱ |
| ସହଯୋଗୀ ସଦସ୍ୟ | - | ₹ ୫,୦୦୦/- ବା ତଦୂର୍ଦ୍ଧ୍ୱ |
| ସକ୍ରିୟ ସଦସ୍ୟ | - | ₹ ୧୫,୦୦୦/- ବା ତଦୂର୍ଦ୍ଧ୍ୱ |
| ସମ୍ମାନିତ ସଦସ୍ୟ | - | ₹ ୨୧,୦୦୦/- ବା ତଦୂର୍ଦ୍ଧ୍ୱ |
| ପ୍ରତିଷ୍ଠିତ ସଦସ୍ୟ | - | ₹ ୫୦,୦୦୦/- ବା ତଦୂର୍ଦ୍ଧ୍ୱ |
| ଆଜୀବନ ସଦସ୍ୟ | - | ₹ ୧,୦୦୦,୦୦ ବା ତଦୂର୍ଦ୍ଧ୍ୱ |

୧. ଯେଉଁମାନେ କୌଣସି ଏକ ସଦସ୍ୟ ରୂପେ ବେଦ ପ୍ରଚାର କାର୍ଯ୍ୟରେ ସହଯୋଗ ପ୍ରଦାନ କରିବାକୁ ଚାହାଁନ୍ତି ସେମାନେ ସମ୍ପାଦକଙ୍କ ସହ ଯୋଗାଯୋଗ କରନ୍ତୁ ।

**ସମ୍ପାଦକ**

ମୋ : ୯୮୬୧୩୩୫୩୨୧, ୮୯୦୮୦୦୫୧୦୫

### ଅଦ୍ୟାବଧି ନିମ୍ନ ବ୍ୟକ୍ତିମାନେ ଶ୍ରୁତିନ୍ୟାସର ସଦସ୍ୟତା ଗ୍ରହଣ କରିଛନ୍ତି-

| କ୍ର. | ନାମ | ଠିକଣା |
|---|---|---|
| **ଆଜୀବନ ସଦସ୍ୟ** | | |
| ୧. | ଡି. ନାଗେଶ୍ୱର ପାତ୍ର | ଭୁବନେଶ୍ୱର |
| **ପ୍ରତିଷ୍ଠିତ ସଦସ୍ୟ** | | |
| ୧. | ଶ୍ରୀମାନ୍ ତ୍ରିନାଥ ପଣ୍ଡା | ବ୍ରହ୍ମପୁର |
| ୨. | ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର |
| ୩. | ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ |
| ୪. | ଶ୍ରୀମତୀ ନର୍ମଦା ପାତ୍ର | ଭୁବନେଶ୍ୱର |
| ୫. | ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର |
| ୬. | ଶ୍ରୀମାନ୍ ଅରୁଣ କୁମାର ସେଠୀ | ରାଉରକେଲା |
| ୭. | ନବଚେତନା ସ୍ୱାଭିମାନ ଫାଉଣ୍ଡେସନ୍ | ଅହମ୍ମଦାବାଦ |
| ୮. | ଶ୍ରୀମାନ୍ ଗୁରୁନାଥ ନାୟକ | ବ୍ରହ୍ମପୁର |
| **ସମ୍ମାନିତ ସଦସ୍ୟ** | | |
| ୧. | ଶ୍ରୀମାନ୍ ନଳିନୀ ନନ୍ଦନ ନାୟକ | ଭୁବନେଶ୍ୱର |
| ୨. | ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ | ବାରିପଦା |
| ୩. | ଶ୍ରୀମାନ୍ ସମ୍ବିତ୍ ଦାସ ଅଧିକାରୀ | ମୁମ୍ବାଇ |
| ୪. | ଶ୍ରୀମାନ୍ ଅର୍ଚ୍ଚନା ନାୟକ | କରଞ୍ଜିଆ |
| **ସକ୍ରିୟ ସଦସ୍ୟ** | | |
| ୧. | ଶ୍ରୀମାନ୍ ବିଜୟ କୁମାର ବେହେରା | ରାଉରକେଲା |
| ୨. | ଶ୍ରୀମତୀ ସ୍ନେହଲତା ବେହେରା | ରାଉରକେଲା |

| କ୍ର. | ନାମ | ଠିକଣା |
|---|---|---|
| ୩. | ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ରାଉରକେଲା |
| ୪. | ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ରାଉରକେଲା |
| ୫. | ଶ୍ରୀମତୀ ଗାୟତ୍ରୀ ପାଣିଗ୍ରାହୀ | ରାଉରକେଲା |
| ୬. | ଶ୍ରୀମାନ୍ ପୀତବାସ ଦଳେଇ | ରାଉରକେଲା |
| ୭. | ଶ୍ରୀମାନ୍ ପ୍ରଫୁଲ୍ଲ ଚନ୍ଦ୍ର ବାଡ଼ତ୍ୟା | ରାଉରକେଲା |
| ୮. | ଶ୍ରୀମତୀ ସୁନୀତା ସ୍ୱାଇଁ | ରାଉରକେଲା |
| ୯. | ଶ୍ରୀମାନ୍ ରମେଶ ଚନ୍ଦ୍ର ପାତ୍ର | ରାଉରକେଲା |
| ୧୦. | ଶ୍ରୀମତୀ ରାସେଶ୍ୱରୀ ଦେଇ | ରାଉରକେଲା |
| ୧୧. | ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ରାଉରକେଲା |
| ୧୨. | ଶ୍ରୀମାନ୍ ନବଘନ ପ୍ରଧାନ | ରାଉରକେଲା |
| ୧୩. | ଶ୍ରୀମତୀ ସାବିତ୍ରୀ ପଣ୍ଡା | ରାଉରକେଲା |
| ୧୪. | ଶ୍ରୀମାନ୍ ଦିବାକର ବାରିକ | ରାଉରକେଲା |
| ୧୫. | ଶ୍ରୀମତୀ ବାସନ୍ତୀ ମିଶ୍ର | ଭୁବନେଶ୍ୱର |
| ୧୬. | ଡକ୍ଟର ଲଳିତ ମଞ୍ଜରୀ ସାହୁ | ଭୁବନେଶ୍ୱର |
| ୧୭. | ଶ୍ରୀମତୀ ପ୍ରତିଭା ଦାସ | ଭୁବନେଶ୍ୱର |
| ୧୮. | ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଭୁବନେଶ୍ୱର |
| ୧୯. | ଶ୍ରୀମତୀ ପୁଷ୍ପାଞ୍ଜଳି ଦେବୀ | ଭୁବନେଶ୍ୱର |
| ୨୦. | ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଜଟଣୀ |
| ୨୧. | ଶ୍ରୀମାନ୍ ପଙ୍କଜ ମେହେର | ସୋନପୁର |
| ୨୨. | ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୋନପୁର |
| ୨୩. | ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ଟିଟିଲାଗଡ |
| ୨୪. | ଶ୍ରୀମତୀ ଟି. ସବିତା ପାତ୍ର | ମୁମ୍ବାଇ |
| ୨୫. | ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ |
| ୨୬. | ଶ୍ରୀମାନ୍ ରାଜକିଶୋର ବେହୁରା | ତିର୍ତ୍ତୋଲ |
| ୨୭. | ଶ୍ରୀମାନ୍ ସୁନୀଳ କୁମାର ଗରିଆ | ସୋନପୁର |
| ୨୮. | ଶ୍ରୀମାନ୍ ନୀହାର ରଞ୍ଜନ ଭୂୟାଁ | ଜାମସେଦପୁର |
| ୨୯. | ଇଂ. କାଳୁଚରଣ ବେହେରା | କଟକ |
| ୩୦. | ପ୍ରଫେସର୍ ଶରତ ଚନ୍ଦ୍ର ସେନାପତି | କଟକ |
| ୩୧. | ଇଂ. ନାରାୟଣ ପଣ୍ଡା | ବ୍ରହ୍ମପୁର |
| ୩୨. | ଶ୍ରୀମତୀ ଇତିଶ୍ରୀ ପାତ୍ର | ବ୍ରହ୍ମପୁର |
| ୩୩. | ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଭୁବନେଶ୍ୱର |
| ୩୪. | ଇଂ. ଅଭିମନ୍ୟୁ ମହାରଣା | ଜୟପୁର |
| ୩୫. | ଇଂ. ନିରଞ୍ଜନ ପଣ୍ଡା | ଜୟପୁର |

**ସହଯୋଗୀ ସଦସ୍ୟ**

**ଅନୁଗୁଳ ଜିଲ୍ଲା**

| କ୍ର. | ନାମ | ଠିକଣା |
|---|---|---|
| ୧. | ଶ୍ରୀମାନ୍ ହରେଶ ଚନ୍ଦ୍ର ସାହୁ | ତାଳଚେର |
| ୨. | ଶ୍ରୀମାନ୍ ବିନୋଦ କୁମାର ଆର୍ଯ୍ୟ | ତାଳଚେର |
| ୩. | ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ରେଙ୍ଗାଳି |

**କଟକ ଜିଲ୍ଲା**

| କ୍ର. | ନାମ | ଠିକଣା |
|---|---|---|
| ୧. | ଶ୍ରୀମତୀ ଶୋଭାବତୀ ବେହେରା | ଗୁରୁଡ଼ିଝାଟିଆ |
| ୨. | ଶ୍ରୀମତୀ ପାର୍ବତୀ ସ୍ୱାଇଁ | କଟକ |
| ୩. | ଶ୍ରୀମାନ୍ ସଞ୍ଜୟ କୁମାର ଜେନା | କଟକ |
| ୪. | ଶ୍ରୀମତୀ ଲୋଭାବତୀ ସାହୁ | ବାଲୀ |
| ୫. | ଶ୍ରୀମାନ୍ କ୍ଷୀରୋଦ ଚନ୍ଦ୍ର ମିଶ୍ର | ଆଠଗଡ଼ |

**କନ୍ଧମାଳ ଜିଲ୍ଲା**

| କ୍ର. | ନାମ | ଠିକଣା |
|---|---|---|
| ୧. | ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | ଫୁଲବାଣୀ |
| ୨. | ଶ୍ରୀମତୀ ନଳିନୀ ଆଚାର୍ଯ୍ୟ | ଫୁଲବାଣୀ |

**କୋରାପୁଟ ଜିଲ୍ଲା**

| କ୍ର. | ନାମ | ଠିକଣା |
|---|---|---|
| ୧. | ଶ୍ରୀମାନ୍ ଅରବିନ୍ଦ ସେଠୀ | ସେମିଳିଗୁଡ଼ା |
| ୨. | ଶ୍ରୀମାନ୍ ପ୍ରକାଶ ଚନ୍ଦ୍ର ନାୟକ | ଜୟପୁର |

**ଖୋର୍ଦ୍ଧା ଜିଲ୍ଲା**

| କ୍ର. | ନାମ | ଠିକଣା |
|---|---|---|
| ୧. | ଡକ୍ଟର ବସନ୍ତ କୁମାର ଦାସ | ଭୁବନେଶ୍ୱର |
| ୨. | ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଭୁବନେଶ୍ୱର |
| ୩. | ଶ୍ରୀମତୀ ପ୍ରମୋଦିନୀ ଦେବୀ | ଭୁବନେଶ୍ୱର |
| ୪. | ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ଭୁବନେଶ୍ୱର |
| ୫. | ଶ୍ରୀମାନ୍ ଅନୀଲ କୁମାର ମହାପାତ୍ର | ଭୁବନେଶ୍ୱର |
| ୬. | ଶ୍ରୀମତୀ ପ୍ରତିଭା ମହାପାତ୍ର | ଭୁବନେଶ୍ୱର |
| ୭. | ଶ୍ରୀମତୀ ସୁବାସିନୀ ଦେବୀ | ଜାଆଁଳା |
| ୮. | ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଭୁବନେଶ୍ୱର |
| ୯. | ଶ୍ରୀମତୀ ନମିତା ପଟ୍ଟନାୟକ | ଭୁବନେଶ୍ୱର |
| ୧୦. | ଶ୍ରୀମାନ୍ ସୁରେନ୍ଦ୍ର କୁମାର ପରିଜା | ଭୁବନେଶ୍ୱର |
| ୧୧. | ଶ୍ରୀମାନ୍ ସୁବାସ ଚନ୍ଦ୍ର ପାତ୍ର | ଭୁବନେଶ୍ୱର |
| ୧୨. | ଶ୍ରୀମାନ୍ ବି. ସୀତାରାମ ପାତ୍ର | ଭୁବନେଶ୍ୱର |
| ୧୩. | ଶ୍ରୀମାନ୍ ଅନୀଲ ଯାଦବ | ଭୁବନେଶ୍ୱର |
| ୧୪. | ଶ୍ରୀମାନ୍ ମହେନ୍ଦ୍ର କୁମାର ସାହୁ | ଭୁବନେଶ୍ୱର |
| ୧୫. | ଶ୍ରୀମାନ୍ ଦିନେଶ କୁମାର ଗୁପ୍ତା | ଭୁବନେଶ୍ୱର |
| ୧୬. | ଶ୍ରୀମତୀ ଯୋଗମାୟା ଦେବୀ | ଭୁବନେଶ୍ୱର |
| ୧୭. | ଶ୍ରୀମାନ୍ ସ୍ମିତପ୍ରଜ୍ଞ ପଟ୍ଟନାୟକ | ଭୁବନେଶ୍ୱର |
| ୧୮. | ଶ୍ରୀମତୀ ମୋନାଲିସା ପ୍ରଧାନ | ଜଟଣୀ |
| ୧୯. | ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ବାଣପୁର |
| ୨୦. | ଶ୍ରୀମାନ୍ ଗଗନ ବିହାରୀ ଜେନା | ଜଟଣୀ |
| ୨୧. | ଶ୍ରୀମାନ୍ ରାଧାବଲ୍ଲଭ ପାଳ | ଜଟଣୀ |

**କ୍ରମଶଃ...**





ବାରଗଡରେ ଆନ୍ତର୍ଜାତିକ ଯୋଗଦିବସ ପାଳନ




ଉତ୍କଳୀୟ ସମୂହ ଲଗ୍ନୋତ୍ସବ ସମିତି ପକ୍ଷରୁ ବାଲିକୁଦା ନିକଟସ୍ଥ ଅଳାଭରଠାରେ ଗଣବିବାହ କାର୍ଯ୍ୟକ୍ରମ






ରେଢ଼ାଖୋଲ ବେଦ ପ୍ରଚାର ସମିତି ପକ୍ଷରୁ ଶ୍ରାବଣୀ ଉପାକର୍ମ





ଟିଟିଲାଗଡ଼ ବେଦ ପ୍ରଚାର  ସମିତି ପକ୍ଷରୁ ଶ୍ରାବଣୀ ଉପାକର୍ମ




ଶ୍ରାବଣୀ ଉପାକର୍ମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଶ୍ରୋତାବୃନ୍ଦ

RNI Regn. No. : ODIODI/2015/65938

₹ 20/- Shruti Sourabha Vol. 2 Issue 5 July-August 2017




ଶ୍ରୁତିନ୍ୟାସ ପକ୍ଷରୁ ଭୁବନେଶ୍ୱରରେ ଶ୍ରାବଣୀ ଉପାକର୍ମ ପାଳିତ



ଶ୍ରାବଣୀ ଉପାକର୍ମରେ ଶ୍ରୋତାବୃନ୍ଦ



ବେଦ ପ୍ରବଚନ ଉଦ୍‌ଘାଟନ




କଟକ ବେଦ ପ୍ରଚାର ସମିତି ପକ୍ଷରୁ ମର୍କତନଗର ସରସ୍ୱତୀ ବିଦ୍ୟାମନ୍ଦିରଠାରେ ବେଦ ପ୍ରବଚନ

**Shruti Sourabha**
**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**